

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୦ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 20 JANUARY 2021

Vol.No. 31 ■ No. 19 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପହଂଚିଲା ଦ୍ୱିତୀୟ ପର୍ଯ୍ୟାୟ କରୋନା ଟୀକା

### ତୃତୀୟ ଦିନରେ ଟୀକା ନେଲେ ୧୪୨୯୧

ଭୁବନେଶ୍ୱର,୧୯।୦୧ (ନି.ପ୍ର): ଦ୍ୱିତୀୟ ପର୍ଯ୍ୟାୟ ଟୀକାକରଣ ପାଇଁ ୩ଲକ୍ଷ ୩୪ହଜାର ୫୦୦ଟି କୋଭିସିଲ୍ଡ ଟୀକା ଭୁବନେଶ୍ୱରରେ ପହଂଚିଛି। ମଙ୍ଗଳବାର ଅପରାହ୍ନରେ ପୁନେରୁ ସ୍ୱାଇସ ଜେଟ ବିମାନରେ ଆସି ଟୀକା ବିମାନବନ୍ଦରରେ ପହଂଚିବା ପରେ ଏହାକୁ ସୁରକ୍ଷା ମଧ୍ୟରେ ୩ଟି ସ୍ୱତନ୍ତ୍ର ଗାଡ଼ିରେ ରାଜ୍ୟ ଭ୍ୟାକ୍ସିନ୍ ଷ୍ଟୋର ବା ଟୀକା ଭଣ୍ଡାରକୁ ଅଣାଯାଇଛି। ୨୮ଟି ପ୍ୟାକେଟରେ ଆସିଥିବା କୋଭିସିଲ୍ଡ ଟୀକାକୁ ୩ ଦିନ ପରେ ବିଭିନ୍ନ ଜିଲ୍ଲାକୁ ପଠାଯିବ। ଅପରପକ୍ଷରେ ଆଜି ରାଜ୍ୟରେ ୧୮୨ଟି ସେସନ୍



ସାଇଟ୍‌ରେ କରୋନା ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମୋଟ ୧୪୨୯୧ ଜଣ ହିତାଧିକାରୀ (ପ୍ରାୟ ୮୮%) ଆଜି ଟୀକା ନେଇଥିଲେ । ତେବେ ଆଜି ୫ଟି ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା କେସ୍ ଦେଖାଦେଇଥିଲା । ସେଥି ମଧ୍ୟରୁ ଗତକାଲି ଦୁଇଜଣ ଟୀକା ନେଇଥିଲେ। ତେବେ ପରବର୍ତ୍ତୀ ସମୟରେ ସମସ୍ତେ ସୁସ୍ଥ ଅଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟଯେ ଗତ ଜାନୁଆରୀ ୧୨ ତାରିଖରେ ଓଡ଼ିଶାକୁ ପ୍ରଥମ ପର୍ଯ୍ୟାୟ ଟୀକା ଆସିଥିଲା। ପୁନେସ୍ଥିତ ସେରମ୍ ଇନଷ୍ଟିଚ୍ୟୁଟ୍ ରୁ ଅକ୍ସଫୋର୍ଡ-ଆଷ୍ଟ୍ରାଜେନିକା ଦ୍ୱାରା ପ୍ରସ୍ତୁତ 'କୋଭିସିଲ୍ଡ' ଟୀକାର ୪୦ହଜାର ୮ଶହ ଭାଏଲ ଓଡ଼ିଶା ଆସିଥିଲା।

## ଆସନ୍ତା କାଲିଠୁ ପେଟ୍ ସିଟି ସ୍କାନ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର : ହାଇକୋର୍ଟ

କଟକ,୧୯।୦୧ (ନି.ପ୍ର): ରାଜ୍ୟର ସମସ୍ତ କ୍ୟାନସର୍ ରୋଗୀଙ୍କ ପାଇଁ ଆଶ୍ୱସ୍ତିର ଖବର ଆଣିଛନ୍ତି ହାଇକୋର୍ଟ । ଯାହାଦ୍ୱାରା ପେଟ୍ ସିଟି ସ୍କାନ ପାଇଁ ଖର୍ଚ୍ଚାନ୍ତ ହେଉଥିବା ରୋଗୀ ଏଥିରୁ ମୁକ୍ତି ପାଇବେ । ଆସନ୍ତା କାଲିଠାରୁ କ୍ୟାନସର ରୋଗୀଙ୍କ ସବୁ ପେଟ୍ ସିଟି ସ୍କାନ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର । ରାଜ୍ୟ ସରକାର ଏହି ଖର୍ଚ୍ଚ ବହନ କରିବାକୁ ହାଇକୋର୍ଟ ଅନ୍ତରିଣ ନିର୍ଦ୍ଦେଶ ଜାରୀ କରିଛନ୍ତି ।

## ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୦୧ (ନି.ପ୍ର): ନୂଆକରି ରାଜ୍ୟ ସରକାର ଗଢିଥିବା ୯ ଗୋଟି ମେଡିକାଲ କଲେଜ ଗୁଡିକର ଭିତିଭୂମିର ବିକାଶ କାର୍ଯ୍ୟକ୍ରମ ସଂପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସମୀକ୍ଷା କରିଥିଲେ। ଏତଦ୍‌ବ୍ୟତୀତ ୫ ଗୋଟି ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ୬ ଗୋଟି ମୁଖ୍ୟ ଚିକିତ୍ସାଳୟର ଉନ୍ନତିକରଣ କାର୍ଯ୍ୟ ସଂପର୍କରେ ମଧ ସମୀକ୍ଷା କରିଥିଲେ। ଝାରସୁଗୁଡା ଠାରେ କାର୍ଡିଆକ୍ କେୟାର ଡାକ୍ତରଖାନା, କଟକ



ଶିଶୁଭବନରେ ପି.ଜି. ଛାତ୍ରଛାତ୍ରୀଙ୍କ ପାଇଁ ମଲ୍ଟି ୟୁଟିଲିଟି କମ୍ପ୍ଲେକ୍ସ, ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲର ଏଲଆଇଏନଏସି ବ୍ଲକ୍ , କ୍ୟାପିଟାଲ ହସ୍ପିଟାଲର ବିକାଶ ତଥା ପିଜିଆଇ ଭାବରେ ଗଢିବା ଏବଂ ବରଗଡ କ୍ୟାନସର ହସ୍ପିଟାଲ

▶▶ପୃଷ୍ଠା ୭

## ବର୍ଜ୍ୟବସ୍ତୁରୁ ଉର୍ଜା ଉତ୍ପାଦନ ପାଇଁ ଇଣ୍ଡିଆନ୍ ଅଏଲ-ଏନଡ଼ିଏମସି ମଧ୍ୟରେ ଏମଓୟୁ

### ଉତର ଦିଲ୍ଲୀର ବର୍ଜ୍ୟରୁ ପ୍ରସ୍ତୁତ ହେବ ଇନ୍ଧନ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୦୧ (ନି.ପ୍ର): ଉର୍ଜାକୁ ଆତ୍ମନିର୍ଭର କରିବା ଓ ସ୍ୱଚ୍ଛ ଭାରତ ମିଶନ ଦିଗରେ ଯୁଗାନ୍ତକାରୀ ପଦକ୍ଷେପସ୍ୱରୂପ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବର୍ଜ୍ୟବସ୍ତୁରୁ ଉର୍ଜା ଉତ୍ପାଦନ କରିବା ପାଇଁ ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସିଏଲ) ଏବଂ ଉତର ଦିଲ୍ଲୀ ମହାନଗର ନିଗମ (ଏନଡ଼ିଏମସି) ମଧ୍ୟରେ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ପ୍ରଧାନ ଇଣ୍ଡିଆନ ଅଏଲ ଏବଂ ଏନଡ଼ିଏମସିକୁ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଶୁଭେଚ୍ଛା ଜଣାଇବା ସହ



କହିଛନ୍ତି ଯେ ଏହି ପଦକ୍ଷେପ ଅନ୍ତର୍ଗତ ଉତର ଦିଲ୍ଲୀ ମହାନଗର ନିଗମର ରାଣିଖେରାରେ ଏକ ପ୍ଲାଂଟ୍ ପ୍ରତିଷ୍ଠା କରାଯିବ। ଏହି ପ୍ଲାଂଟରେ ଉତର ଦିଲ୍ଲୀର ସମସ୍ତ ବର୍ଜ୍ୟବସ୍ତୁ ବା କଠିନ ଅଳିଆ ଆବର୍ଜନାକୁ ଏକାଠି କରାଯାଇ ଏଥିରୁ

▶▶ପୃଷ୍ଠା ୭

## ବ୍ରିସ୍‌ବେନ୍ ବିଜୟ ପାଇଁ ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୦୧ (ନି.ପ୍ର): ବ୍ରିସ୍‌ବେନ୍‌ର ଗାବାଠାରେ ଟିମ୍ ଇଣ୍ଡିଆ ଚମତ୍କାର ବିଜୟ ସହ ୨-୧ରେ ସିରିଜ୍ ଜିତି ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିପାରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଅଭିନନ୍ଦନ ଜଣାଇଛନ୍ତି । ଯୁବଖେଳାଳୀମାନଙ୍କର ବହୁମୁଖୀ ପ୍ରଦର୍ଶନ ଯୋଗୁଁ ଗସ୍ତରେ ଯାଇଥିବା ଭାରତୀୟ ଦଳ ସିରିଜ୍ ରେ ଦମ୍‌ଦାର ବିଜୟ ଲାଭ କରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଦଳକୁ ଶୁଭକାମନା ଜଣାଇଛନ୍ତି ।

## ଘୋଷଣା ହେଲା ବିଜେପି ରାଜ୍ୟ ଯୁବମୋର୍ଚ୍ଚା କର୍ମକର୍ତ୍ତା ଟିମ୍

ଭୁବନେଶ୍ୱର,୧୯।୦୧ (ନି.ପ୍ର): ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଆଜି ତାଙ୍କର ନୂଆ ଟିମ୍ ଗଢ଼ିଛନ୍ତି। ଦଳର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ ପରେ ଯୁବମୋର୍ଚ୍ଚାର ରାଜ୍ୟ କର୍ମକର୍ତ୍ତାଙ୍କ ନାଁ ଘୋଷଣା ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ଭାବେ ବିଶ୍ୱଜିତ ଷଡଙ୍ଗୀ, ମାନସ କୁମାର ଦତ, ନିଳାଦ୍ରି ପାତ୍ର, କମଳେଶ ସାହା, ପ୍ରଫୁଲ ସ୍ୱାଇଁଙ୍କୁ ଅବସ୍ଥାପିତ କରାଯାଇଥିବାବେଳେ ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଭାବେ ଦୀପକ କୁମାର ଗୋଛାୟତ ଓ ଓମ୍ ପ୍ରକାଶ ମିଶ୍ରଙ୍କୁ ଭାବେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ରାଜ୍ୟ ସଂପାଦକ ଭାବେ ଶିବାନୀ ମାଝୀ, ସିଦ୍ଧାନ୍ତ ଗଙ୍ଗଦେବ, ପ୍ରିତେଶ ବହିଦାର, ରାଜଶ୍ରୀ ମହାନ୍ତି, ପ୍ରକାଶ ଦଳେଇ, ଅମୃତ ରଂଜନ ସ୍ୱାଇଁ, ଦିପଜ୍ୟୋତି ମୁଣ୍ଡ, ବିକ୍ରମ ବିଶ୍ୱାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଯୁବମୋର୍ଚ୍ଚା ରାଜ୍ୟ କୋଷାଧକ୍ଷ ସନ୍ତୋଷ ମହାପାତ୍ର ଓ ରାଜ୍ୟ ସଂପାଦକ (କାର୍ଯ୍ୟାଳୟ) ମନୋଜ ପଣ୍ଡି ମକବାଟଙ୍କୁ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ବିଭାଗର ରାଜ୍ୟ ସଂଯୋଜକ ଭାବେ ଭକ୍ତବତ୍ସଳ ବସ୍ତିଆ, ସୂର୍ଯ୍ୟବଂଶୀ ସୂର୍ଯ୍ୟ ସ୍ମିତପ୍ରଜ୍ଞ, ସୁଜିତ ସାହୁ, ସ୍ମୃତି ରଞ୍ଜନ ମିଶ୍ର, ସ୍ୱଦେଶ ସ୍ୱାଇଁ, ପ୍ରତୀକ୍ଷା ଆଚାର୍ଯ୍ୟ, ସଂଗ୍ରାମ କେଶରୀ ପାତ୍ର, ଦିନେଶ ଶର୍ମା, ହିଂମାଶୁ ପଣ୍ଡା, ହିତେଶ ସାହୁ, ଶିବ ଦିୱାନ, ଆଶିଷ ବରିସାଲ, ଅଭିଷେକ ସାମନ୍ତରାୟ, ନାରାୟଣ କର୍ମୀ, ରୂପେଶ ପଟେଲ, ଚନ୍ଦ୍ରକାନ୍ତ ଧଳ, ସୁବ୍ରତ କୁମାର ବିଶ୍ୱାଳ, ଆଶୁତୋଷ ବେହେରା, ସ୍ମରଜିତ ମହାନ୍ତି, ରାଣା ପୃଥ୍ୱୀରାଜ ସିଂ ଓ ରାଧାମାଧବ ପରିଡ଼ାଙ୍କୁ

▶▶ପୃଷ୍ଠା ୭

## ରାଜ୍ୟ ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ହେଲେ ରାଜଶ୍ରୀ ମହାନ୍ତି

ଅମର୍ଦ୍ଦାରୋଡ଼,୧୯।୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଯୁବନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ପୁତ୍ର ରାଜଶ୍ରୀ ମହାନ୍ତିଙ୍କୁ ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଖବର ପ୍ରକାଶ ହେବାପରେ ବସ୍ତା, ଜଳେଶ୍ୱର ଓ ବାଲେଶ୍ୱର ବିଜେପି ଶିବିରରେ ଖୁସିର ଲହର ଦେଖିବାକୁ ମିଳିଛି। ଆଗାମୀ ଦିନରେ ଯୁବମୋର୍ଚ୍ଚାକୁ ଜିଲ୍ଲା ତଥା ରାଜ୍ୟରେ କିପରି ସଂଗଠିତ ଓ ସୁଦୃଢ଼ କରାଯିବ ସେଥିପ୍ରତି ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ରାଜଶ୍ରୀ ପ୍ରକାଶ କରିଛନ୍ତି। ଏହି ଘୋଷଣା ପରେ ଶ୍ରୀ ମହାନ୍ତି ପ୍ରଥମେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିଷ ଆଚାର୍ଯ୍ୟଙ୍କୁ ଧନ୍ୟବାଦ



ଦେବା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବାଲେଶ୍ୱର ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

## ବୁଧବାର ୯ ଜିଲ୍ଲାରେ ଦେଖାଦେବ ଘନ କୁହୁଡି

ଭୁବନେଶ୍ୱର,୧୯।୦୧ (ନି.ପ୍ର): ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ପାଗ ଶୁଖିଲା ରହିବ। ତେବେ, ଆଗାମୀ ୨ ଦିନ ପର୍ଯ୍ୟନ୍ତ ଆଭ୍ୟନ୍ତର ଓଡ଼ିଶା, ଦକ୍ଷିଣ ଆଭ୍ୟନ୍ତର ଓଡ଼ିଶା, ଉପକୂଳ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ରାତିର ତାପମାତ୍ରାରେ ହ୍ରାସ ଘଟିବା ସହ ଶୀତ ଅନୁଭୂତ ହେବ ଏବଂ କରକାପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ଅଧିକ ରହିଛି।' ସେହିପରି ବୁଧବାର ଉତ୍ତର ଉପକୂଳ ଓଡିଶା ଏବଂ ଦକ୍ଷିଣ ଉପକୂଳ ଓଡିଶାର ମୟୂରଭଞ୍ଜ, କନ୍ଧମାଳ, ରାୟଗଡା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କୁହୁଡ଼ି ଦେଖା ଦେଇପାରେ। ଏହି ସମୟ ମଧ୍ୟରେ ରାଜ୍ୟର ଭଦ୍ରକ, କେନ୍ଦ୍ରାପଡା ଜଗତସିଂହପୁର, ଏବଂ ଯାଜପୁର ଜିଲ୍ଲାରେ ଘନ କୁହୁଡି ପଡ଼ିବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଜେଲ୍‌ରେ ପ୍ରଦୀପଙ୍କୁ ୨ ଘଣ୍ଟା ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କଲା ଭିଜିଲାନ୍ସ

ଭୁବନେଶ୍ୱର,୧୯।୦୧ (ନି.ପ୍ର): ଟାଟା କମ୍ପାନୀରେ ଚାକିରି କରାଇଦେବାକୁ କହି ଭାବି ସ୍ୱାଇଁ ଆକାଶ ପାଠକଙ୍କ ପାଇଁ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ପ୍ରାୟ ଦେଢ ମାସ ହେବ ଗିରଫ ହୋଇ ଜେଲ୍‌ରେ ଅଛନ୍ତି ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ। ଠକେଇ, ଜାଲିଆତି, ଅପରାଧିକ ଷଡ଼ଯନ୍ତ୍ର, ସାଇବର ଅପରାଧ ମାମଲାରେ ଛନ୍ଦି ହୋଇ ଜେଲ୍‌ରେ ଥିବା ପ୍ରଦୀପଙ୍କୁ ପଚରାଉଚରା କରିଛି ଭିଜିଲାନ୍ସ। ଆଜି ଜେଲ୍ ? ଭିତରେ ତାଙ୍କୁ ୨ ଘଣ୍ଟା ଧରି ଗୁଡ଼େଇ ତୁଡ଼ାଇ ଭିଜିଲାନ୍ସ ଅଧିକାରୀ ପ୍ରଶ୍ନ କରିଥିବା ଜଣାଯାଇଛି। ଟାଟା ମୋଟର୍ସରେ



ନିଯୁକ୍ତି ନାଁରେ ଠକେଇ ଅଭିଯୋଗରେ ପ୍ରଦୀପ ପାଣିଗ୍ରାହୀଙ୍କୁ ଜେରା କରିଛି ଭିଜିଲାନ୍ସ ଟିମ୍ । ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ପ୍ରଦୀପ ପାଣିଗ୍ରାହୀଙ୍କୁ ପଚରାଉଚରା କରିଛି । ପ୍ରଦୀପ ପାଣିଗ୍ରାହୀଙ୍କ

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୯୦୨ ହେଲା

ଭୁବନେଶ୍ୱର,୧୯।୦୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୯୦୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତ ବରଗଡ ଜିଲ୍ଲାର ବୋଲି ଜଣା ପଡିଛି।

## ଜଳି ଜଳି ଖାଣ୍ଟି ସୁନା ହୋଇଛନ୍ତି ସୁନାପୁଅ : ଏବେ ଏସ୍‌ସିବିରେ ଚମକିବେ

କଟକ,୧୯।୦୧ (ନି.ପ୍ର): ଜଣେ ଅଭାବୀ ବାପାର ଏ ଦୁଇ ଆଖି ଦେଖିଥିବା ଅସୁମାରୀ ସ୍ୱପ୍ନ, ସତେ ଯେମିତି ଆଜି ସତ ହେବାକୁ ବାଧ ହୋଇଛି। ବସ୍ତିରୁ ବଡ଼ ମେଡିକାଲ । କଟକ ବାଲିକୁଦାର ଡାକ୍ତରୀ ଛାତ୍ର ଦୀପକ ସାମଲଙ୍କ ଅନଟନର ଯାତ୍ରା ଏତେ ଅବର୍ଣ୍ଣନୀୟ ଯେ, କୌଣସି ସିନେମାର କାହାଣୀଠୁ ବି କମ୍ ନୁହେଁ । ପାଦରେ ଛିଣ୍ଡା ଚପଲ ହେଉ କି ଦଦରା ସାଇକେଲ, ସତେ ଯେମିତି ତାଙ୍କ ସଫଳତା ପଛର ଜଣେ ଜଣେ କଥା କୁହା ସାଥୀ । ଦିନ ମଜୁରିଆ ଅବିନାଶ ସାମଲଙ୍କ ଇଏ ସେହି ଡାକ୍ତରୀ ପଢୁଆ ମେଧାବୀ



ପୁଅ, ଯିଏ ଜନ୍ମରୁ ଗରିବୀ ସହ ଜୁଝୁଥିଲେ ବି ବାଟରେ କେବେ ବି ବିଚ୍ୟୁତ ହୋଇନି । ଓଡ଼ିଶାରୁ ୧୧୪୯ ରାଙ୍କ ରଖି ପ୍ରଥମ ଚାନ୍ସରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏବେ ଏସସିବି ମେଡିକାଲ କଲେଜରେ ଏମବିବିଏସ୍ ପଢୁଛନ୍ତି ଦୀପକ। ତେବେ ଯେଉଁଠି ବାପା ମଜୁରୀ ଖଟିବାକୁ ଗଲେ ପରିବାରରେ ଚାରି ପ୍ରାଣୀ କୁଟୁମ୍ବଙ୍କ ପେଟ ଭରେ, ସେଠି କେମିତି ବା ଡାକ୍ତରୀ ପଢ଼ାର ସାଜ ସରଞ୍ଜାମ କିଣିବାକୁ ଭରସିକି କହି ପାରିବେ ।

▶▶ପୃଷ୍ଠା ୭

## ରାଜ୍ୟ ସରକାର ଚାଷୀ ନୁହେଁ ମିଲରଙ୍କ ପାଇଁ ବେଶୀ ଚିନ୍ତା କରୁଛନ୍ତି : ବିଜେପି

ଭୁବନେଶ୍ୱର,୧୯।୦୧ (ନି.ପ୍ର): ରାଜ୍ୟ ସରକାର ମିଲର ମାନଙ୍କ ସ୍ୱାର୍ଥରେ କାମ କରୁଛନ୍ତି । ରାଜ୍ୟ ସରକାର ଉଷୁନା ଚାଉଳ ପାଇଁ ମିଲରମାନଙ୍କ ପାଇଁ ଓକିଲାତି କରୁଛନ୍ତି । ଓଡିଶାର ମିଲରମାନଙ୍କ ପାଖରେ ଉଷୁନା ଚାଉଳ ଗଚ୍ଛିତ ହୋଇଥିବାରୁ ସେମାନେ ଏହାକୁ ଆଗ ଖାଲି କରିବାକୁ ଚାହୁଁଛନ୍ତି। ଏକ କ୍ୱିଂଟାଲ ଧାନରୁ ଅରୁଆ ଅପେକ୍ଷା ଉଷୁନା ଚାଉଳ କଲେ ୫ ରୁ ୭ ପ୍ରତିଶତ ଅଧିକ ଚାଉଳ ହୁଏ । ଉଷୁନା ଚାଉଳ କୁଣ୍ଡାରେ ୭ ରୁ ୮ ପ୍ରତିଶତ ଅଧିକ ତେଲ ରହିଛି ଯେଉଁଥିରୁ ରାଇସ ବ୍ରାନ ତେଲ ପ୍ରସ୍ତୁତ ହେଉଛି। ଏହା ମିଲରମାନଙ୍କ ପାଇଁ ଲାଭଦାୟକ। ଅରୁଆ ଚାଉଳ ଶୀଘ୍ର ଭାଙ୍ଗିଯିବା ଯୋଗୁଁ ଉଷୁନା ଚାଉଳକୁ ମିଲର ମାନେ ପ୍ରାଧାନ୍ୟ ଦିଅନ୍ତି । ଅନ୍ୟପଟେ ମିଲର ମାନେ ଅରୁଆ ଚାଉଳ କଲେ ସମସ୍ତ ଚାଉଳ କିଣିବାକୁ ଏଫସିଆଇ ପ୍ରସ୍ତୁତ ରହିଛି ବୋଲି ଡିସେମ୍ବର ମାସରୁ ଏକ ଚିଠିରେ ଏଫସିଆଇ ଜଣାଇଛି। ଏହି ଚିଠି ପାଇବା ସତ୍ୱେ ରାଜ୍ୟ ସରକାର ଏହାର ସ୍ପଷ୍ଟିକରଣ ରାଜ୍ୟବାସୀଙ୍କୁ ଦେଇନାହାଁନ୍ତି କି ମିଲରମାନଙ୍କୁ ଅରୁଆ ଚାଉଳ କରିବା ପାଇଁ ନିର୍ଦ୍ଦେଶ ଦେଇ ନାହାଁନ୍ତି । ମିଲରମାନେ ଉଷୁନା ଚାଉଳ କି ଅରୁଆ ଚାଉଳ କରିବେ ରାଜ୍ୟସରକାର ନିଷ୍ପତି ନିଅନ୍ତୁ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଦାବି କରିଛନ୍ତି। ସେ କହିଛନ୍ତି ଚାଷୀଙ୍କ ଠାରୁ ଧାନ ରାଜ୍ୟ ସରକାର ଉଠାଇବା କଥା ଏବଂ ଏହି ଧାନକୁ ମିଲରକୁ ଦେଇ ଉଷୁନା କିମ୍ବା ଅରୁଆ କରିବା କଥା। ସେହି ଚାଉଳକୁ ରାଜ୍ୟ ସରକାର ଏଫସିଆଇକୁ ଦେବେ ନହେଲେ ନିଜ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ରଖିପାରିବେ । କେନ୍ଦ୍ର ସରକାର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୫୦ ପ୍ରତିଶତ ଉଷୁନା ଚାଉଳ ସହ ଅଧିକରୁ ଅଧିକ ଅରୁଆ ଚାଉଳ କିଣାଯାଉ । ଉଭୟ ଏଫସିଆଇ ଏବଂ ରାଜ୍ୟ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଉଷୁନା ଚାଉଳ ଅଛି। ଅଧିକ ଉଷୁନା ଚାଉଳ ସଂଗ୍ରହ କଲେ ତାହା ନଷ୍ଟ ହୋଇଯିବ ବୋଲି ଏଫସିଆଇ ଜଣାଇଛି । ଅନ୍ୟ ରାଜ୍ୟମାନଙ୍କରେ ଅରୁଆ ଚାଉଳ ଲୋକ ଖାଆନ୍ତି ।

▶▶ପୃଷ୍ଠା ୭

## ଝାରସୁଗୁଡା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର,୧୯।୦୧ (ନି.ପ୍ର): ଝାରସୁଗୁଡା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନଙ୍କୁ ବିଭିନ୍ନ କାରଣ ପାଇଁ ନିଲମ୍ବନ କରାଯାଇଛି । ଏନେଇ ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ବଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ପ୍ରଧାନଙ୍କ ବିରୁଦ୍ଧରେ କାର୍ଯ୍ୟରେ ଅବହେଳା, ସରକାରୀ ନିର୍ଦ୍ଦେଶନାମାର ଅବମାନନା, କାର୍ଯ୍ୟକ୍ଷେତ୍ରରେ ଖରାପ ପ୍ରଦର୍ଶନ ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମଗୁଡିକର ଧାର୍ଯ୍ୟଲକ୍ଷ୍ୟ ପୂରଣ ନକରିବା ଏବଂ କାର୍ଯ୍ୟ ନକରାଇବା ଆଦି ଅଭିଯୋଗ ରହିଥିଲା। ଏହାସହ ଅନୁମତି ନନେଇ ସେ ହେଡ୍‌କ୍ୱାର୍ଟର ଛାଡିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କର ଦୁର୍ନୀତି ବିରୁଦ୍ଧରେ ଜିରୋ ଟଲେରାନ୍ସ ନିର୍ଦ୍ଦେଶକୁ କଡାକଡି ଭାବେ ପାଳନ କରିବାକୁ ଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାବେଳେ ବିଭାଗ ତରଫରୁ ରାଜ୍ୟର ସମସ୍ତ ପୌର ପ୍ରଶାସନ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

# ଚାଷୀଙ୍କୁ ଶୋଷଣ କରି ମିଲରମାନଙ୍କ ପାଇଁ ଓକିଲାତି କରୁଛି ଶାସକ ବିଜେଡି : ବିଜେପି

ଭୁବନେଶ୍ୱର,୧୯।୧ (ନି.ପ୍ର): ଚାଷୀଙ୍କ ସମସ୍ୟାକୁ ନେଇ ପ୍ରେସମିଟରେ ୩ ଜଣ ବିଧାୟକଙ୍କ ତଥ୍ୟରେ କୌଣସି ତାଳ ମେଳ ନଥିଲା । ବିଜେଡି ବିଧାୟକମାନେ ସଠିକ୍ ତଥ୍ୟ ନଜାଣି କେବଳ ରାଜ୍ୟବାସୀଙ୍କୁ ମିଥ୍ୟା କହି ଭ୍ରମିତ କରିଛନ୍ତି । ବିଜେଡି ନେତାମାନେ ଧାନ ବିଷୟରେ ନକହି ଚାଉଳ ବିଷୟରେ କହୁଛନ୍ତି । ଚାଷୀ ଧାନ ବିକ୍ରି କରେ ଆଉ ମିଲର ଚାଉଳ ବିକ୍ରି କରନ୍ତି । ଶାସକ ବିଜେଡି ମିଲରମାନଙ୍କ ପାଇଁ ଓକିଲାତି କରୁଛି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ରାଜ୍ୟ ବିଜେପି ପକ୍ଷରୁ ଓଡିଶାରେ ୬ଟି ବିଶାଳ ଚାଷୀ ସମାବେଶ ଏବଂ ୧୮୦୦ ମଣ୍ଡି ପରିଦର୍ଶନ କରାଯାଇଛି । କେନ୍ଦ୍ରସରକାର କୃଷକର ଉନ୍ନତି ପାଇଁ ବିଶେଷକରି ଚାଷୀର ଆୟକୁ ଦ୍ୱିଗୁଣିତ କରିବା ପାଇଁ ଅନେକ ପଦକ୍ଷେପ ନେଉଥିବା ବେଳେ ରାଜ୍ୟସରକାରଙ୍କର ଆନ୍ତରିକତାର ଅଭାବ ଏବଂ ଅସହଯୋଗ କାରଣରୁ ଓଡିଆ ଚାଷୀ କେନ୍ଦ୍ରୀୟ ଯୋଜନାରୁ ବଂଚିତ ହେଉଛି । କେନ୍ଦ୍ର ସରକାର ଧାନର ଏମଏସପି ୧୮୬୮ଟଙ୍କା ଦେଉଥିବା ସ୍ଥଳେ ମଣ୍ଡିରେ ୩କେଜିରୁ ୮କେଜି ପର୍ଯ୍ୟନ୍ତ କଟ୍‌ନି ଛଟ୍‌ନି ହେଉଥିବାରୁ ଚାଷୀ ପ୍ରକୃତମୂଲ୍ୟ ପାଇପାରୁନାହିଁ। ଧାନ ଅଖା ପାଇଁ କେନ୍ଦ୍ର ଟଙ୍କା ଦେଉଥିଲେ ମଧ୍ୟ ଚାଷୀଙ୍କୁ ଅଖାର ଟଙ୍କା ଦିଆଯାଉନାହିଁ। ଏବର୍ଷ ଧାନକିଣା ପାଇଁ କେନ୍ଦ୍ର ସରକାର ୧୮ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଉଥିଲେ ମଧ୍ୟ ଓଡିଶାରେ ଅଦ୍ୟାବଧି ଅର୍ଦ୍ଧାଧିକ ଜିଲ୍ଲାରେ ଧାନମଣ୍ଡି ଖୋଲିନାହିଁ। ଡିସେମ୍ବର ୧ ତାରିଖରୁ ସମସ୍ତ ମଣ୍ଡି ଖୋଲିବା ନେଇ ରାଜ୍ୟସରକାର ଘୋଷଣା କରିଥିଲେ । କିନ୍ତୁ ମଣ୍ଡି କେବେ ଖୋଲି ବନ୍ଦ ହୋଇଗଲା ଚାଷୀ ତାହା ଜାଣିପାରିଲେ ନାହିଁ ବୋଲି ଡ.ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ଆଗାମୀ ଦିନରେ ଆରଡିସି ଅଫିସ ଘେରାଓ ଥିବାରୁ ବିଜେଡି ମନରେ ଛନକା ପଶିଛି ।। ଡିଏଲପିସିରେ ସରକାର ନିର୍ଦ୍ଧାରଣ କରିଛନ୍ତି ଯେ, ଅଣଜଳସେଚିତ ଜମିରେ ୧୩ କ୍ୱିଂଟାଲ ପ୍ରତି ଏକର ଏବଂ ଜଳସେଚିତ ଜମିରେ ୧୯ କ୍ୱିଂଟାଲ ପ୍ରତି ଏକର ଧାନ ବିକ୍ରି ହେବ । ଚାଷୀର ବଳକା ଧାନକୁ ଅନ୍ୟାନ୍ୟ ରାଜ୍ୟ ସରକାର କିଣୁଥିବାବେଳେ ଓଡିଶା ସରକାର ବଳକା ଧାନ କିଣୁନାହାଁନ୍ତି କାହିଁକି ବୋଲି ଡ.ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ବିଜେଡି ବିଧାୟକମାନେ ତୃତୀୟ ମହଲାର ଚିରକୁଟ ପଢି ବିଜେଡି ଓଡିଶାବାସୀଙ୍କୁ ଭ୍ରମିତ କରିପାରିବ ନାହିଁ । ବିଜେପି ରାଜ୍ୟର ସମସ୍ତ ଚାଷୀ ପରିବାରକୁ ଯାଇ ଭେଟିବା ସହ ରାଜ୍ୟସରକାରଙ୍କ ଚାଷୀମାରଣ ନୀତି ସଂପର୍କରେ ଅବଗତ କରାଇବ । ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ରାଜ୍ୟସରକାର ସମସ୍ତ ଜିଲ୍ଲାରେ ମଣ୍ଡି ଖୋଲି ଧାନ କିଣନ୍ତୁ ନଚେତ୍ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବିକ୍ଷୋଭ କରାଯିବ ବୋଲି ଡ.ସାମନ୍ତସିଂହାର ଚେତାବନୀ ଦେଇଛନ୍ତି । ଏହି ଅବସରରେ ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସୁରଥ ବିଶ୍ୱାଳ ଉପସ୍ଥିତ ଥିଲେ ।

# ଜଳେଶ୍ୱର ବ୍ଳକସ୍ତରୀୟ କରୋନା ଟିକା କରଣ : ଶତପ୍ରତିଶତ ସାମିଲ

ଜଳେଶ୍ୱର,୧୯।୧ (ନି.ପ୍ର): ଜଳେଶ୍ୱର ବ୍ଲକ ହାତୀଗଡସ୍ଥିତ ସିଏଚ୍‌ସିରେ ଆଜି କରୋନା ଟିକାକରଣ ଶୁଭାରମ୍ଭ କରାଯାଇଛି । ସରକାରଙ୍କ ନିତୀନିୟମରେ ଆଜି ଦିବା ୧୦ଟାରେ ଏହି କାର୍ଯ୍ୟକ୍ରମକୁ ପଂଚାୟତ ସମିତି ଅଧ୍ୟକ୍ଷା ସବିତାରାଣୀ ଦଳେଇ ଉଦ୍‌ଘାଟନ କରିଥିଲେ । ଏଥିରେ ଆର୍‌କେଏସ୍ ସଦସ୍ୟ ଦିଲ୍ଲୀପ କୁମାର ସାମଲ ଓ ଗଂଗାଧର ଦାସ ଯୋଗ ଦେଇ କୋଭିଡ୍-୧୯ ସଂକ୍ରମଣ ବେଳେ ଜଳେଶ୍ୱରର କରୋନା ଯୋଦ୍ଧାମାନଙ୍କର କାର୍ଯ୍ୟ ସଂପର୍କରେ ଭୂୟସି ପ୍ରଶଂସା କରିଥିଲେ । ସିଏସ୍‌ସିର ଭାରପ୍ରାପ୍ତ ମୁଖ୍ୟ ଡା, ପ୍ରଭାସ କୁମାର ନାୟକ ଜଳେଶ୍ୱରରେ ମୋଟ ୧୧୩୮ଜଣ କୋଭିଦ୍ ଯୋଦ୍ଧାଙ୍କୁ ଟିକାକରଣ କରିବାର ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୫୫୦ଜଣଙ୍କୁ ଟକାଦିଆଯିବାର ବିଭାଗ ସ୍ଥିର କରିଛି । ଆଜି ଡ. ନାୟକ ପ୍ରଥମେ ଟିକା ନେଇଥିବା ବେଳେ ମୋଟ ୧୦୦ଜଣଙ୍କୁ ଟିକା ଦିଆଯାଇଥିବାର କହିଛନ୍ତି । ଗୁରୁବାର, ଶୁକ୍ରବାର ଓ ଶନିବାର ସେଠାରେ ଓ ଜଳେଶ୍ୱର ସିଏସ୍‌ସିରେ ଗୁରୁବାର, ଶନିବାର, ସୋମବାର ଟିକାକରଣ ହେବାର ସୂଚନା ଦେଇଛନ୍ତି । ଆଜି ବାଲେଶ୍ୱରରୁ ସ୍ୱାସ୍ଥ୍ୟବିଭାଗର ଆଂଚଳିକ ଅଧିକାରୀ ହାତୀଗଡ ଯାଇ ସମୀକ୍ଷା କରିଛନ୍ତି । ଏହି କାର୍ଯ୍ୟକୁ ଡ. ଶୁଭ୍ରଜିତ୍ ମହାପାତ୍ର, ବିପିଏମ୍ ସ୍ମିତା ପ୍ରମାଣିକ, କ୍ଷିରୋଦ ଚନ୍ଦ୍ର ପରିଡା, ବିଡିଏମ୍ ସୁକାନ୍ତ ପ୍ରଧାନ, ପିଏଚ୍‌ଇଓ ଫକୀରମୋହନ ପ୍ରଧାନ, ସ୍ୱୟଂଶିଦ୍ଧ ଦିକ୍ଷିତ, ସତ୍ୟନାରାୟଣ ଜେନା, ରାଜଗୋପାଳ ଦତ୍ତ, କୃଷ୍ଣ ଚନ୍ଦ୍ର ଦତ୍ତ, ଅଲିଭା ପଟ୍ଟନାୟକ, ଉର୍ମିଳା ଜେନା, ନିର୍ମଳା ଟୁଡୁ, ଚନ୍ଦ୍ରକାନ୍ତ ପାଢୀ ପ୍ରମୁଖ ପରିଚଳାନା କରିଥିଲେ ।

# ଘାସିରାମ ପଣ୍ଡାଙ୍କ ପୁସ୍ତକ 'ଅସୁମାରୀ ସ୍ୱପ୍ନ' ଉନ୍ମୋଚିତ

ଭୁବନେଶ୍ୱର,୧୯।୧ (ନି.ପ୍ର): ବିଧାନସଭା ପରିସରରେ ବାଚସ୍ପତିଙ୍କ ସଭା କକ୍ଷ ପରିସରରେ ସୋମବାର ଦିନ ଅସୁମାରୀ ସ୍ୱପ୍ନ ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଯୋଗ ଦେଇ ପୁସ୍ତକ ଉନ୍ମୋଚନ କରିବା ସହ ପ୍ରବନ୍ଧ ଗୁଡିକ ଉଚ୍ଚମାନର ଓ ସମସାମାୟିକ ସମସ୍ୟା ଆଧାରିତ ବୋଲି କହିଥିଲେ । ଅସୁମାରୀ ସ୍ୱପ୍ନ ଏକ ପ୍ରବନ୍ଧ ସଙ୍କଳନ ଅଟେ । ଏଥିରେ ଲେଖକ ତଥା ସାମାଜିକ କର୍ମୀ ଘାସିରାମ ପଣ୍ଡାଙ୍କ ୩୬ଟି ପ୍ରବନ୍ଧ ପ୍ରକାଶ ପାଇଛି । ପ୍ରବନ୍ଧଗୁଡିକ ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ଖବର କାଗଜରେ ପ୍ରକାଶିତ ହୋଇ ସାରିଛି । ଆ'କାର, ସୁବର୍ଣ୍ଣପୁର ଦ୍ୱାରା ପ୍ରକାଶିତ ଏହି ପୁସ୍ତକ 'ଅସୁମାରୀ ସ୍ୱପ୍ନ' ଲେଖକଙ୍କ ନିଜସ୍ୱ ଅନୁଭୂତିର ଆଧାରିତ ଅଟେ । ପ୍ରବନ୍ଧଗୁଡିକ ଭିତରେ ପ୍ରାଥମିକ ବିଦ୍ୟାଳୟ ବନ୍ଦର ପ୍ରଭାବଠାରୁ ଆରମ୍ଭ କରି ଭେଦଭାବ ମୁକ୍ତ ବିଦ୍ୟାଳୟ, ଶିକ୍ଷା ପାଇଁ ବ୍ୟୟ ବୋଝ ନୁହେଁ, ବିଦ୍ୟାଳୟ ବାହାରେ କେତେ ପିଲା, ବିଦ୍ୟାଳୟରେ ଯୌନ ନିର୍ଯାତନା ଓ ଅଧିକାରୀଙ୍କ ଦାୟିତ୍ୱ, ଦେଶାନ୍ତରୀ ଶିଶୁଙ୍କ ଶିକ୍ଷାଧିକାର, ବାଲ୍ୟ ବିବାହ ବଢ଼େଇବ କରୋନା, ବିବାହ ବୟସ, ଶିଶୁ ଓ ସାଇବର ଅପରାଧ, କରୋନା ଓ ପ୍ରଭାବିତ ଶୈଶବ, କେଉଁ ଯଶବାନ ଉଡାଇବ ହେ ! ଭଳି କିଛି ପ୍ରସଙ୍ଗ ବେଶ ଉଚ୍ଚ ପ୍ରଶଂସିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ଅଧକ୍ଷା କସ୍ତୁରୀ ମହାପାତ୍ର, ମହିଳା କମିଶନର ଅଧକ୍ଷା ଡ ମିନତୀ ବେହେରା, ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଏକ୍ସନ୍‌ଏଡର ସହାୟକ ନିର୍ଦ୍ଦେଶକ ଦେବବ୍ରତ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଏଥିରେ ଓଡ଼ିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ ଅଧକ୍ଷତା କରିଥିଲେ ।

# ଉତ୍କଳ ସମ୍ମିଳନୀ ପକ୍ଷରୁ କିଶୋର ବୈଜ୍ଞାନିକ ଆକାଶଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି,୧୯।୧ (ନି.ପ୍ର): ମାଲକାନଗିରି ନବୋଦୟ ବିଦ୍ୟାଳୟ -୧ ଦ୍ୱାଦଶ ଶ୍ରେଣୀର ଛାତ୍ର ଆକାଶ ଚାନ୍ଦ ମାଲକାନଗିରି ସହରର ଚିଦାନନ୍ଦ ସାହିର ନିବାସୀ । ଛାତ୍ର ଆକାଶ ବୈଜ୍ଞାନିକ ଜ୍ଞାନର ବିକାଶ ନିମନ୍ତେ ସର୍ବଭାରତୀୟ ସ୍ତରରେ ସ୍କୁଲ ଛାତ୍ର ମାନଙ୍କ ପାଇଁ ଉଦ୍ଦିଷ୍ଟ କିଶୋର ବୈଜ୍ଞାନିକ କାର୍ଯ୍ୟକ୍ରମରେ ଦେଶର ଟପ୍ ୧୦୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ତାଙ୍କର ଏହି ସଫଳତା ସମଗ୍ର ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣି ଦେଇଛି । ସେ ନବୋଦୟ ବିଦ୍ୟାଳୟର ଅଧକ୍ଷ ଟିଭିଏସ ପ୍ରକାଶ ରାଓ ଓ ଅଧାପିକା ବି. ସରସ୍ୱାନୀଙ୍କ ତତ୍ୱାବଧାନରେ ପ୍ରଡକସନ୍ ମ୍ୟାନେଜମେଂଟ ପ୍ରକଳ୍ପ ତିଆରି କରିଥିଲେ । ଆର୍ଟିଫିସିଆଲ ଇଂଟେଲିଜେନ୍ସର ପ୍ରୟୋଗ କରି କୃଷକ କିପରି ଡାଟା ବିଶ୍ଳେଷଣ ସହିତ ଜଳବାୟୁ ଓ ଜଳସେଚନକୁ ନିୟନ୍ତ୍ରଣ କରି ଅଧିକ ଉତ୍ପାଦନକ୍ଷମ ହୋଇପାରିବ ସେ ସମ୍ପର୍କରେ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା କୃଷକ ମାନେ ଲାଭବାନ୍ ହେବା ସହିତ ସେମାନଙ୍କ ଆୟ ବୃଦ୍ଧି ହୋଇପାରିବ । ଛାତ୍ର ଆକାଶଙ୍କ ଏହି ସଫଳତା ପାଇଁ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଉପସଭାପତି ଡଃ. ରଞ୍ଜନ କୁମାର ସ୍ୱାଇଁ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଉତ୍ସାହିତ କରିଛନ୍ତି ।

# ପିସିସି ସଭାପତିଙ୍କୁ ଆକ୍ରମଣ ଉଦ୍ୟମ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ




ଭଦ୍ରକ,୧୯।୧ (ନି.ପ୍ର): ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଗାଡି ଉପରେ ଗତକାଲି କେନ୍ଦୁଝର ଟାଉନ ଥାନା ନିକଟସ୍ଥ କାଶିପୁର ନିକଟରେ ହୋଇଥିବା ଆକ୍ରମଣ ଉଦ୍ୟମକୁ ପ୍ରତିବାଦ କରି ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତା, କର୍ମୀମାନେ ଏସପି ଅଫିସ ଆଗରେ ଏକତ୍ର ହୋଇ ବିକ୍ଷୋଭ ପ୍ରଦର୍ଶନ ସହିତ ପ୍ରତିବାଦ ସଭା କରିଥିଲେ । ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ବିଗିଡି ସାରିଛି । ନବୀନ ସରକାର ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରିବାରେ ପୂର୍ଣ୍ଣ ବିଫଳ ହୋଇଛି । ଆଜି ଏମିତି ସମୟ ଆସି ପହଞ୍ଚିଛି ଦୁର୍ବୃର୍ତ୍ତମାନେ ପିସିସି ସଭାପତିଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାନ୍ତି । ଝିଅବୋହୂ ସୁରକ୍ଷିତ ନୁହଁନ୍ତି । ଚାଷୀ ଆଜି ଧାନ ଗଣ୍ଡେ ସୁଲଭ ମୂଲ୍ୟରେ ବିକ୍ରି କରି ପାରୁନାହିଁ । କଂଗ୍ରେସ ଉପରେ ଆକ୍ରମଣ ହେଲେ କଂଗ୍ରେସ କେବେ ବରଦାସ୍ତ କରିବ ନାହିଁ । ଆବଶ୍ୟକ ହେଲେ ଇଟାର ଜବାବ ପଥରରେ ଦେବାକୁ ପଛାଇବ ନାହିଁ ବୋଲି କଂଗ୍ରେସ ନେତୃବୃନ୍ଦ ବକ୍ତବ୍ୟରେ ବିଷୋଦ୍‌ଗାର କରିଥିଲେ । ଏହି ସଭାରେ ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତି, ବାସୁଦେବପୁର ନେତା ଅଶୋକ ଦାସ, ଚାନ୍ଦବାଲି ନେତା ଦିଗମ୍ବର ଦାସ, ଧାମନଗର ନେତା ବିଦ୍ୟାଧର ଜେନା, ମହିଳା ନେତ୍ରୀ ସବିତା ଚାନ୍ଦ, ଅବଦୁଲ୍ ମୁକିତ୍ ଖାଁ, ପ୍ରଫୁଲ୍ଲ ସାମଲ, ସେକ୍ ନଇମ୍, ପୀତବାସ ଧଳ, ରଜକିଶୋର ସ୍ୱାଇଁ, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଟାଉନ ସଭାପତି ବିଜୟ ବାରିକ, ଆଶିଷ ରାଉତ, ରାଜକିଶୋର ପଣ୍ଡା, ବୈଲୋଚନ ପଣ୍ଡା, ରବି ରାୟ, ସୁବ୍ରତ ବେହୁରିଆ, ମାଳିରାମ ବେହୁରିଆ ପ୍ରମୁଖ ଯୋଗ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଏକ ଦାବୀପତ୍ର ରାଜ୍ୟପାଳଙ୍କୁ ଏସପିଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଏହି ଅବସରରେ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳା ଦାହ କରାଯାଇଥିଲା ।

# ଦିବ୍ୟଜ୍ୟୋତି ଯୌଥ କ୍ଲବ ବାଘୁଆର ୩୪ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରିଟନ କିଙ୍ଗଫିସର ଚମ୍ପିୟାନ

ଖଇରା,୧୯।୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧିନ ବାଘୁଆ ପଡିଆରେ ଦିବ୍ୟଜ୍ୟୋତି ଯୌଥ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହେଇଛି ଏଥିରେ ବିଟିସି କଲ୍ୟାଣୀକୁ ୫ରନରେ ପରାସ୍ତ କରି ରିଟନ କିଙ୍ଗଫିସର ଖଇରା ୧୮ଓଭର ଖେଳୀ ସମସ୍ତ ୱିକେଟ ହରାଇ ୧୦୩ରନ ସଂଗ୍ରହ କରିଥିଲା । ଜବାବରେ ବିଟିସି କଲ୍ୟାଣୀ ୧୭ ଓଭରରେ ସମସ୍ତ ୱିକେଟ ହରାଇ ୯୯ରନ କରି ପରାଜିତର ସମ୍ମୁଖୀନ ହୋଇଥିଲା ।



ପୁରସ୍କାର ବିବରଣୀ ଉତ୍ସବରେ ବାଘୁଆ ନୋଡାଲ ହାଇସ୍କୁଲର ଅବସର ପ୍ରାପ୍ତ କ୍ରିଡା ଶିକ୍ଷକ ଲକ୍ଷ୍ମିଧର ନାୟକ ମୁଖ୍ୟ ଅତିଥି ଓ ଖେଳ ବିସାରଦ ରମାକାନ୍ତ ପଣ୍ଡା, ସମ୍ମାନୀତ ଅତିଥି ରମାକାନ୍ତ ପରିଡା ବିଜୟୀ ଦଳକୁ ୮୦୦୦ ଓ ରନର୍ସଫ ଦଳକୁ ୫୦୦୦ଟଙ୍କା ପ୍ରଦାନ କରିଥିଲେ । ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜି ଖେଳାଳୀଙ୍କୁ ବାଘୁଆ ଜନସେବା କେନ୍ଦ୍ରର ପ୍ରୁପ୍ରାଇଟର ଦୁର୍ଗାମାଧବ ଓଝା ଓ ବାଘୁଆର ଯୁବ ବ୍ୟବସାୟୀ ବିଜୟ କୁମାର ଓଝା ପୁରସ୍କାର ପ୍ରଦାନ କରିଥିଲେ । ଦିବ୍ୟଜ୍ୟୋତି ଯୌଥ କ୍ଲବ ସଦସ୍ୟ ମନୋଜ , ବିରେନ, କିଷାନ, ପ୍ରଶାନ୍ତ, ତପନ, ପ୍ରକାଶ , ଗୌତମ , ଅଲେଖ, ପ୍ରେମା , ବସନ୍ତ, ରଞ୍ଜନ, ସୁକୁଟା, ଶ୍ରୀତମ, ଅକ୍ଷୟ ଓ ଅରୁଣଙ୍କ ସମେତ ଅନ୍ୟସଦସ୍ୟମାନେ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ ।

# ପୂର୍ବତଟ ରେଳପଥ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କୋଭିଡ଼ ଟିକା

ଭୁବନେଶ୍ୱର,୧୯।୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ହୋଇଥିବା ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନର ଏକ ଅଂଶ ଭାବରେ କୋଭିଡ଼-୧୯ ମହାମାରୀକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଡାକ୍ତର, ପାରାମେଡ଼ିକାଲ ଷ୍ଟାଫ୍ ଏବଂ ଅନ୍ୟାନ୍ୟ ମେଡ଼ିକାଲ୍ କର୍ମଚାରୀଙ୍କ ସମେତ ସମସ୍ତ ରେଳ ସ୍ୱାସ୍ଥ୍ୟ କର୍ମୀଙ୍କୁ ଭୁବନେଶ୍ୱର ରେଳ ହସ୍ପିଟାଲରେ କୋଭାକ୍ସିନ ଟୀକା ଦିଆଯିବ । ଏହି ଟୀକାକରଣ ଭାରତ ବାୟୋଟେକ ଇଂଟରନ୍ୟାସନାଲ ଲିମିଟେଡ଼୍ ହାଇଦ୍ରାବାଦ ଦ୍ୱାରା ନିର୍ମିତ । ଭୁବନେଶ୍ୱରର ମଂଚେଶ୍ୱରସ୍ଥିତ ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟରେ ମୋଟ ୨୩୪ସ୍ପ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟୀକାକରଣ କରାଯିବ । ଆଜି ସନ୍ଧ୍ୟା ସୁଦ୍ଧା ସମୁଦାୟ ୧୦୦ଟି ଟୀକା ଦିଆଯାଇଛି । ଏହା ଏକ ୨-ଡୋଜ ଟୀକା, ଯାହା ୨୮ ଦିନ ବ୍ୟବଧାନରେ ଦିଆଯିବ । ଭୁବନେଶ୍ୱରର ମଂଚେଶ୍ୱରସ୍ଥିତ ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟରେ ମୋଟ ୨୩୪ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟୀକାକରଣ କରାଯିବ । ଆଜି ସନ୍ଧ୍ୟା ସୁଦ୍ଧା ସମୁଦାୟ ୧୦୦ଟି ଟୀକା ଦିଆଯାଇଛି । ଏହା ଏକ ୨-ଡୋଜ୍ ଟୀକା, ଯାହା ୨୮ ଦିନ ବ୍ୟବଧାନରେ ଦିଆଯିବ । ପ୍ରତ୍ୟେକ ଟୀକାର ମାତ୍ରା ୦.୫ ମି.ଲି. । ସମ୍ପୂର୍ଣ୍ଣ ଅସୁସ୍ଥ ଏବଂ ଇଂଟେନସିଭ୍ କେୟାର ୟୁନିଟ୍ ରୋଗୀ ଏବଂ ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା ମାନଙ୍କୁ ବର୍ତ୍ତମାନ ଟୀକାକରଣ ସହିତ ଦିଆଯିବ ନାହିଁ । ସେହିଭଳି ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଚିକିତ୍ସାଳୟରେ ୧୩୦ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟୀକାକରଣ କରାଯିବ । ଖୋର୍ଦ୍ଧା ରୋଡ଼ ପାଇଁ ଏହି ଟୀକାକରଣ କୋଭିସିଲ୍‌ଡ଼ ନାମରେ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପୁଣେରୁ ଆସିଛି । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ପୂର୍ବତଟ ରେଳପଥର ମହା ପ୍ରବନ୍ଧକ ବିଦ୍ୟାଭୂଷଣ ଏହି ଟୀକା ପରିଚାଳନା ପାଇଁ ଯଥେଷ୍ଟ ସତର୍କତା ଏବଂ ଯତ୍ନ ନେବାକୁ ରେଳବାଇ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ତ୍ରିଦିବସୀୟ ମାଳିପାଳ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଜଳେଶ୍ୱର,୧୯।୧ (ନି.ପ୍ର): ଜଳେଶ୍ୱର ବ୍ଲକର ରାଇବଣିଆ ଥାନା ଅନ୍ତର୍ଗତ ମାଳିପାଳ ସ୍ଥିତ ଶ୍ରୀଜଗନ୍ନାଥ ଜିୟୁ କ୍ରିକେଟ ଟୁର୍ଣ୍ଣମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଗ୍ରାମାଂଚଳର ୮ଟି ଦଳ ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଖଣାବାଡ ଦଳ ଘରୋଇ ମାଳିପାଳ ଟିମ୍‌କୁ ଫାଇନ୍‌ରେ ଭେଟିଥିଲେ । ଏଥିରେ ମାଳିପାଳ ଦଳ ବିଜେତାଭାବେ ଘୋଷିତ ହୋଇଥିଲେ । ସଭାରେ ସରପଂଚ ଆରତୀ ଗିରିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତାଭାବେ ଅଜୟ କୁମାର ମହାନ୍ତି ଉପାନ୍ତ ଅଂଚଳରେ ଏହିତ ଖେଳ ଭାଇଚାରା, ବଂଧୁତ୍ୱ ସୃଷ୍ଟି କରିବା ସହ ସୁସ୍ଥ ସ୍ୱାସ୍ଥ୍ୟରକ୍ଷା ହୋଇଥାଏ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଜୟନ୍ତ ଘୋଷ, ହରେନ୍ଦ୍ର ବେହେରା, କ୍ଷିତିଶ ଘୋଷ, ଆଲୋକ ଗିରି, ବିଜୟ ଘୋଷ, ଅମୂଲ୍ୟ ବେହେରା, ପଦ୍ମଲୋଚନା ରାଉତ, ମୁକୁନ୍ଦ ଜେନା, ରାମଚନ୍ଦ୍ର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ ।

# ୩୦ତମ ସଡ଼କ ସୁରକ୍ଷା ମାସ ଉଦ୍‌ଘାଟିତ

## ଜିଲ୍ଲାବ୍ୟାପୀ ସଚେତନତାକୁ ଗୁରୁତ୍ୱାରୋପ

ଭଦ୍ରକ,୧୮।୧ : ୩୦ତମ ସଡ଼କ ସୁରକ୍ଷା ମାସ ଆଜିଠାରୁ ସମଗ୍ର ରାଜ୍ୟରେ ପାଳନ ହୋଇଛି । ଭଦ୍ରକ ଜିଲ୍ଲାରେ ଏହାକୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଏବଂ ଏସ୍‌ପି ଚରଣ ସିଂ ମୀନା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସଚେତନତା ରଥକୁ ଉଭୟ ଅତିଥି ପତାକା ହଲାଇ ଶୁଭାରମ୍ଭ କରିଥିଲେ । ଆଜିଠାରୁ ଆରମ୍ଭ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମ ସମଗ୍ର ଜିଲ୍ଲାରେ କରାଯିବ । ଏପରିକି ବିଭିନ୍ନ ସ୍କୁଲମାନଙ୍କରେ ସଚେତନତା ସଭା କରି ପିଲାଙ୍କୁ ସଚେତନ କରାଯିବ । ଯାହା ଫଳରେ ପିଲାଙ୍କଠାରୁ ସେମାନଙ୍କ ବାପାମାଆ ସଡ଼କ ସୁରକ୍ଷା ଓ ମୋଟରଯାନ ଆଇନ ସମ୍ପର୍କରେ ଅବଗତ ହୋଇପାରିବେ । ମୋଟରଯାନ ଆଇନ-୨୦୧୯ରେ ନିୟମକୁ ଅଧିକ କଡ଼ାକଡ଼ି କରାଯାଇଛି । ଏହାର ପାଳନ ନିମନ୍ତେ ପୂର୍ବରୁ ମଧ୍ୟ ସଚେତନତା କରାଯାଇଛି ଏବଂ ପୁଣି ଥରେ ମାସବ୍ୟାପୀ ସଚେତନତା କରାଯାଉଛି ବୋଲି ଜିଲ୍ଲାପାଳ ଡ. ଦାସ କହିଥିଲେ । ଏହି ଅବସରରେ ସୂଚନା ଦେଇ ଆଞ୍ଚଳିକ ପରିବହନ ଅଧିକାରୀ ସନତ ଜେନା କହିଥିଲେ କି ୨୦୧୯ ମସିହା ଠାରୁ ୨୦୨୦ ମସିହାରେ ଦୁର୍ଘଟଣା ହାର କମିଛି । ଭଦ୍ରକ ଜିଲ୍ଲାରେ ୨୦୧୯ରେ ମୋଟ ୩୨୫ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୧୬୨ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ୨୪୬ଜଣ ଆହତ ହୋଇଥିଲେ । ମାତ୍ର ୨୦୨୦ ମସିହାରେ ସଡ଼କ ଦୁର୍ଘଟଣା ୨୪୧ଟି ହୋଇଛି । ଏଥିରେ ୧୧୦ଜଣଙ୍କ ମୃତ୍ୟୁ ହୋଇଥିବା




ବେଳେ ୨୫୧ଜଣ ଆହତ ହୋଇଛନ୍ତି । ଜନସାଧାରଣ ସଚେତନ ହେଲେ ଏହା ଆହୁରି କମିଯିବ । ସରକାର ଏବେ ଦୁର୍ଘଟଣା ସମୟରେ ଅଜଣା ଲୋକଙ୍କୁ ସ୍ୱେଚ୍ଛାକୃତ ଭାବେ କେହି ଆଣି ମେଡିକାଲରେ ପହଞ୍ଚାଇଲେ ତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୨ ହଜାର ଟଙ୍କାର ପୁରସ୍କାର ରାଶିର ବ୍ୟବସ୍ଥା ମଧ କରିଛନ୍ତି ବୋଲି ଶ୍ରୀ ଜେନା କହିଥିଲେ । ଏହି ଅବସରରେ ୩ଟି ରଥ ସଚେତନତା ପାଇଁ ଯାତ୍ରା ଆରମ୍ଭ କରିଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଭିଆଇ ଧୀରେନ୍ଦ୍ର କୁମାର ନାୟକ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଗୌରହରି ହାଁସଦା, ଟି.ଆଇ. ଧନେଶ୍ୱର ନାୟକ, ଜୁନିଅର ଏମ୍‌ଭିଆଇ ଅରୁଣ କୁମାର ସାହୁ, ସେକ୍ ଅବଦୁଲ୍ ରହିମ୍ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସହରରେ ଏକ ସାଇକେଲ ରାଲି କରାଯାଇଥିଲା ।

# ରାଜ୍ୟ ଯୁବମୋର୍ଚ୍ଚା ପୁନଃଗଠିତ

ଭୁବନେଶ୍ୱର ,୧୯।୧ (ନି.ପ୍ର): ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଇରାସିସ ଆଚାର୍ଯ୍ୟ ଆଜି ଯୁବମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରୀତ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି । ଯୁବ ମୋର୍ଚ୍ଚା ରାଜ୍ୟ ଉପସଭାପତି ଭାବେ ବିଶ୍ୱଜିତ ଷଡଙ୍ଗୀ, ମାନସ କୁମାର ଦତ, ନିଳାଦ୍ରି ପାତ୍ର, କମଳେଶ ସାହା, ପ୍ରଫୁଲ ସ୍ୱାଇଁ ଦାୟୀତ୍ୱ ଦିଆଯାଇଛି । ଯୁବ ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଭାବେ ଦୀପକ କୁମାର ଗୋଚ୍ଛାୟତ ଓ ଓମ୍ ପ୍ରକାଶ ମିଶ୍ରଙ୍କୁ ଭାବେ ଦାୟୀତ୍ୱ ଦିଆଯାଇଥିବାବେଳେ ରାଜ୍ୟ ସଂପାଦକ ଭାବେ ଶିବାନୀ ମାଝୀ, ସିଦ୍ଧାନ୍ତ ଗଙ୍ଗଦେବ, ପ୍ରିତେଶ ବହିଦାର, ରାଜଶ୍ରୀ ମହାନ୍ତି, ପ୍ରକାଶ ଦଳେଇ, ଅମୃତ ରଂଜନ ସ୍ୱାଇଁ, ଦିପଜ୍ୟୋତି ମୁଣ୍ଡ, ବିକ୍ରମ ବିଶ୍ୱାଳଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ଯୁବମୋର୍ଚ୍ଚା ରାଜ୍ୟ କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର ଓ ରାଜ୍ୟ ସଂପାଦକ (କାର୍ଯ୍ୟାଳୟ) ମନୋଜ ପଣ୍ଡିମକବାଟଙ୍କୁ ଦାୟୀତ୍ୱ ଦିଆଯାଇଛି । ସେହିଭଳି ବିଭିନ୍ନ ବିଭାଗର ରାଜ୍ୟ ସଂଯୋଜକ ଭାବେ ଭକ୍ତବତ୍ସଳ ବସ୍ତିଆ, ସୂର୍ଯ୍ୟବଂଶୀ ସୂର୍ଯ୍ୟ ସ୍ଥିତପ୍ରଜ୍ଞ, ସୁଜିତ ସାହୁ, ସ୍ମୃତି ରଂଜନ ମିଶ୍ର, ସ୍ୱଦେଶ ସ୍ୱାଇଁ, ପ୍ରତୀକ୍ଷା ଆଚାର୍ଯ୍ୟ, ସଂଗ୍ରାମ କେଶରୀ ପାତ୍ର, ଦିନେଶ ଶର୍ମା, ହିଂମାଶୁ ପଣ୍ଡା, ହିତେଶ ସାହୁ, ଶିବ ଦିୱାନ, ଆଶିଷ ବରିସାଲ, ଅଭିଷେକ ସାମନ୍ତରାୟ, ନାରାୟଣ କର୍ମୀ, ରୂପେଶ ପଟେଲ, ଚନ୍ଦ୍ରକାନ୍ତ ଧଳ, ସୁବ୍ରତ କୁମାର ବିଶ୍ୱାଳ, ଆଶୁତୋଷ ବେହେରା, ସ୍ମରଜିତ ମହାନ୍ତି, ରାଣା ପୃଥ୍ୱୀରାଜ ସିଂ ଓ ରାଧାମାଧବ ପରିଡାଙ୍କୁ ଦାୟୀତ୍ୱ ଦିଆଯାଇଛି । ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଶୁଭେନ୍ଦୁ ବ୍ରହ୍ମା, କାଳିପ୍ରସାଦ ମହାନ୍ତି, ଲକ୍ଷ୍ମଣ ତ୍ରିପାଠୀ, ପିନିଟି କ୍ରାନ୍ତି, ବିଶ୍ୱଜିତ ସିଂ, ଲଲାଟ ସାମଲ, ଅଭୟ ପାତ୍ର, ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ ଯାଦବ, ସୁଧୀର କୁମାର ବ୍ରହ୍ମା, ସୁବାଶିଷ ସାହୁ, ରୋଶନ ସାହୁ, ସୁଧାଂଶୁ ଜେନା, ସଜୁ ସରକାର, ସୁମନ୍ତ ବେହେରା, ରାଜେନ୍ଦ୍ର ଗୌଡ, ସରୋଜ ଭଞ୍ଜ, ଯଜ୍ଞ ପ୍ରସାଦ ସାହୁ, ଜୟ ସେବକ ରାୟ, ଅଭିଜିତ ମିଶ୍ର, ପ୍ରାଣବନ୍ଧୁ ଦାସ, ବାଜୁ ଶିକା, ଅଶ୍ୱିନୀ ସାହୁ, ସନ୍ତୋଷ କୁମାର ବିଶ୍ୱାଳ, ଅମରେନ୍ଦ୍ର ରଣସିଂହ, ସୁନୀଲ ସ୍ୱାଇଁ, ଉମେଶ ଖୋସଲା, ଅମୃତ ମହାନ୍ତି, ସିଦ୍ଧାର୍ଥ ରାଉତରାୟ, ସୌମ୍ୟ ରଂଜନ ଲେଙ୍କା, ସୁରଜ ପାଇକରାୟଙ୍କୁ ଦାୟୀତ୍ୱ ଦିଆଯାଇଛି । ଯୁବମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରୀତ ସଦସ୍ୟ ଭାବେ ଫାଲଗୁନୀ ସବର, କିର୍ତି ରଂଜନ ପଟ୍ଟନାୟକ, ଦୀପକ କୁମାର ପ୍ରଧାନ, ଆନନ୍ଦ ରାମ, ଭାରତ ବିଶ୍ୱକର୍ମା, ସତ୍ୟରଂଜନ ଭୂୟାଁ, ପ୍ରକାଶ ମଲ୍ଲିକ, ପ୍ରଭୃଦତ ପଣ୍ଡା, ରାଜୁ ସାହୁ, ଅଂଶୁଳ ପଟେଲ, ରତନ କୁମାର ଦିଗଲ, ନରସିଂହ ସିଂ, ରବିନ୍ଦ୍ର କୁମାର ପୁହାଣଙ୍କୁ ମନୋନୀତ କରାଯାଇଛି ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଆଚାର୍ଯ୍ୟ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଘୋଷଣା କରିଛନ୍ତି ।

# ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଲୁଣର ଉପଯୋଗିତା



ଆମ ଭାରତୀୟ ବ୍ୟଞ୍ଜନରେ ଲୁଣର ବ୍ୟବହାର ହେବା ନିଶ୍ଚିତ, ଏହା ଖାଦ୍ୟକୁ ଏକ ପୂର୍ଣ୍ଣାଙ୍ଗ ରୂପ ଦେଇଥାଏ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ । ଦୈନନ୍ଦିନ ତରକାରିରେ ସାଧା ଲୁଣ,



ଚଟପଟା ଖାଦ୍ୟରେ କଳା ଲୁଣ ଓ ବ୍ରତ - ଉପବାସରେ ସୈନ୍ଧବ ଲୁଣ ଯଥାମାତ୍ରାରେ ବ୍ୟବହାର କରାଯାଇଥାଏ । ପ୍ରତ୍ୟେକ ପ୍ରକାର ଲୁଣର ଆବଶ୍ୟକତା ଆମ ସ୍ୱାସ୍ଥ୍ୟ ନିମିତ୍ତ ଥିବାର ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି । ଆୟୋଡିନ୍ ଯୁକ୍ତ ପ୍ୟାକେଟ୍ ଲୁଣର ବ୍ୟବହାର ନିୟମିତ ଭାବେ ନିଜ ଖାଦ୍ୟପାନୀୟରେ କରିବା ଉଚିତ । ଆବଶ୍ୟକ ପରିମାଣରେ ଏହି ଲୁଣ ନ ଖାଇଲେ ଥାଇରଏଡ୍ ପରି ରୋଗ ହେବାର ଆଶଙ୍କା ସର୍ବାଧିକ । ଅନ୍ୟପାଖେ ଏହି ଲୁଣକୁ ଅଧିକ ଖାଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ସୈନ୍ଧବଲୁଣକୁ ଆୟୁର୍ବେଦରେ ସର୍ବୋତ୍ତମ ଲୁଣ ଭାବେ ବର୍ଣ୍ଣନା କରାଯାଇଛି ।






ଭାରତୀୟ ହିନ୍ଦୁ ପରିବାରରେ ବ୍ରତ ଓ ଉପବାସରେ ଏଇ ଲୁଣର ବ୍ୟବହାର କରାଯାଏ । ସୈନ୍ଧବ ଲୁଣରେ ଥିବା ବିଭିନ୍ନ ପ୍ରକାର ଖଣିଜ ତତ୍ତ୍ୱ ଆମ ପାଚନତନ୍ତ୍ରକୁ ଶକ୍ତିଶାଳୀ କରେ । ନିୟମିତ ଭାବେ ବିଭିନ୍ନ ତରକାରିରେ ଏଇ ସୈନ୍ଧବ ଲୁଣର ଉପଯୋଗ କଲେ, ଶରୀରରୁ କୋଲେଷ୍ଟେରଲ, ମାନସିକ ଚାପ, ଆଣ୍ଠୁଚଗଣ୍ଠି ବିନ୍ଧା ଇତ୍ୟାଦି ରୋଗ ନିୟନ୍ତ୍ରିତ ହୋଇଥାଏ ।
ଚଟପଟା ଖାଦ୍ୟର ସୁଆଦ ପାଇଁ କଳା ଲୁଣର ଉପଯୋଗ କରାଯାଏ । ଏଥିରେ ସୋଡ଼ିୟମ କ୍ଲୋରାଇଡ୍ ସହ ସୋଡ଼ିୟମ ସଲଫେଟ୍ ଆଇରନ ସଲଫାଇଡ୍ ଇତ୍ୟାଦି ତତ୍ତ୍ୱ ମହଜୁଦ୍ ଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ । ଅମ୍ଳ ରୋଗକୁ ନିୟନ୍ତ୍ରଣ କରିବାରେ ଏଇ ଲୁଣ ସହାୟକ ହେଉଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ । ଉଚ୍ଚ ରକ୍ତଚାପ ରୋଗୀ ଏଇ ଲୁଣର ଅଳ୍ପ ମାତ୍ରାରେ ନିୟମିତ ସେବନ କଲେ ସେମାନଙ୍କ ରକ୍ତଚାପ ନିୟନ୍ତ୍ରଣ ହୋଇଥାଏ ।
ହିମାଲୟାନ ପିଙ୍କ ସଲ୍ଟ ହିମାଳୟ ପାହାଡ଼ରୁ ପ୍ରାଚୀନ ଶୈବାଳରୁ ଏଇ ଲୁଣ ଉତ୍ପନ୍ନ ହୋଇଥାଏ । ଗୋଲାପୀ ରଙ୍ଗର ହିମାଲୟାନ୍ ପିଙ୍କ ସଲ୍ଟ ଏବେ ବିଶ୍ୱବଜାରରେ ମଧ୍ୟ ଆଦୃତି ଲାଭ କରିଛି । ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିବା ଏଇ ଲୁଣରେ ଲୌହର ପରିମାଣ ସର୍ବାଧିକ ଥିବାର ପରୀକ୍ଷାରୁ ଜଣାପଡ଼ିଛି ।

## ହେୟାର ଡ୍ରାୟର୍ ବ୍ୟବହାର କରୁଥିଲେ...



ଅଧିକାଂଶ ଯୁବତୀ ଓ ମହିଳା କେଶକୁ ଶୀଘ୍ର ଶୁଖାଇବା ନିମନ୍ତେ ହେୟାର ଡ୍ରାୟର୍‌ର ବ୍ୟବହାର କରିଥାନ୍ତି । ତେବେ ନିୟମିତ ଭାବେ ଏସବୁ ବ୍ୟବହାରୁ ଦୂରେଇ ରୁହନ୍ତୁ । କାରଣ କୃତ୍ରିମ ଉପାୟରେ କେଶ ଶୁଖାଇବା ପୁଣି ଗରମ ପବନରେ, କେଶ ଝଡ଼ାର ମୁଖ୍ୟ କାରଣ ହୋଇଥାଏ । ନାମୀ ସୌନ୍ଦର୍ଯ୍ୟ ବିଶେଷଜ୍ଞ ଅଞ୍ଜୁଲା ଦେ' ଏଥି ନିମନ୍ତେ ମହିଳାଙ୍କୁ କେତୋଟି ଟିପ୍ସ ଦେଇଛନ୍ତି ।

- ହେୟାର୍ ଡ୍ରାୟର୍ ବ୍ୟବହାର କରୁଥିଲେ, ତାହାକୁ କେଶଠାରୁ ୬-୯ ଇଞ୍ଚ ବ୍ୟବଧାନରେ ରଖନ୍ତୁ । କେଶମୂଳରେ ଏଇ ଡ୍ରାୟର୍‌ର ଗରମ ପବନ ସ୍ପର୍ଶ କରାଇଲେ କେଶ ଖୁବ୍ ଝଡ଼ିବା ସହ ଶୀଘ୍ର ପାଚିଥାଏ ।
- ବଜାରରେ 'ହେୟାର ନରିଶ୍‌ମେଣ୍ଟ ସିରମ୍' ମିଳୁଛି । ଭଲ କମ୍ପାନୀର ସିରମ୍ କିଣି ତାହାକୁ କେଶ ମୂଳରେ ଲଗାଇ ଡ୍ରାୟର୍ ବ୍ୟବହାର କରିବା ଭଲ ବୋଲି ସୌନ୍ଦର୍ଯ୍ୟ ବଶେଷଜ୍ଞ ପରାମର୍ଶ ଦେଇଛନ୍ତି ।
- କେଶର ଘନତ୍ୱ ନ ଥିଲେ ଏଇ ଡ୍ରାୟର୍ ଆଦୌ ବ୍ୟବହାର କରନ୍ତୁନାହିଁ । କେଶରେ ଡ୍ରାୟର୍ ବ୍ୟବହାର କରିବା ପୂର୍ବରୁ କଣ୍ଡିସନିଂ କରିବା ସବୁଠୁ ଜରୁରୀ । କଣ୍ଡିସନିଂ ଦହିରେ କଲେ କେଶକୁ ପୋଷକତତ୍ତ୍ୱ ମିଳିଥାଏ, ଯାହା କାରଣରୁ ଡ୍ରାୟର୍‌ର କୌଣସି ପ୍ରଭାବ ପଡ଼େନାହିଁ ।

## ଗାଡ଼ି ଭଳି ଚାଲିବ ଚାଳକବିହୀନ ହୋଟେଲ




ଏକବିଂଶ ଶତାବ୍ଦୀ ନୁହେଁ, ଗବେଷକଙ୍କ ଚେଷ୍ଟାରେ ଏହା ଆଗାମୀ କିଛିଦିନ ମଧ୍ୟରେ 'ସ୍ମାର୍ଟଶତାବ୍ଦୀ' ଭାବେ ନାମକରଣ କରାଯିବା ଥୟ । କର୍ମଜୀବୀ ଲୋକେ କାମରୁ ତ୍ରାହି ପାଇବା ନିମନ୍ତେ ନିୟମିତ ଭାବେ ଭ୍ରମଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଏଣୁ ଏଥରକ ସେମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ 'ଡ୍ରାଇଭରଲେସ୍ ହୋଟେଲ' । ଏହି ଚଳନ୍ତା ହୋଟେଲ ଅନବରତ ୧୦ଘଣ୍ଟା ଯାତ୍ରା କରିପାରିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ନ୍ୟୁୟର୍କ, ପିଟସବର୍ଗ, ବୋଷ୍ଟନ୍, ଓ୍ୱାଶିଂଟନରେ ଏହି ଚାଳକବିହୀନ ହୋଟେଲର କାର୍ଯ୍ୟ ଆରମ୍ଭ ହେବ । ବ୍ୟାଟେରିଚାଳିତ ଏଇ ହୋଟେଲର କାର୍ଯ୍ୟ ଆରମ୍ଭ ହେବ । ବ୍ୟାଟେରିଚାଳିତ ଏଇ ହୋଟେଲର ଶୁଭାରମ୍ଭ କରିଛନ୍ତି ନ୍ୟୁୟର୍କନିମାବୀ ଷ୍ଟିଭ୍ ଲି । ତାଙ୍କ କହିବାନୁସାରେ, ଏବର ପିଢ଼ିକୁ ଏଇ ଚଳନ୍ତା ହୋଟେଲ ଖୁବ୍ ପସନ୍ଦ ଆସିବ । କାରଣ ହୋଟେଲ ଖର୍ଚ୍ଚ ସହ ଗାଡ଼ି ଭଡ଼ାର ଚିନ୍ତା ଏଥିରେ ଯାତ୍ରା କଲେ ଆଦୌ ନଥାଏ । ୨୦୨୧ ସୁଦ୍ଧା ବିଶ୍ୱବଜାରରେ 'ଡ୍ରାଇଭରଲେସ୍ ହୋଟେଲ' ସୁବିଧା ଆରମ୍ଭ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ଚୁଟି ପାଇଁ ବଡ଼ ଉପକାରୀ ରସୁଣ




ରସୁଣ ଖାଲି ଯେ, ଖାଇବାର ସ୍ୱାଦ ବଢ଼ାଇଥାଏ ତା' ନୁହେଁ ଏଥିରେ ଥିବା ଆର୍ୟୁଦେବିକ୍ ତତ୍ତ୍ୱ ଏହା ଅନେକ ରୋଗରୁ ମଧ୍ୟ ମୁକ୍ତି ଦେଇଥାଏ । ଆପଣ କ'ଣ ଜାଣନ୍ତି ଯେ, ଆପଣଙ୍କ ଚୁଟି ପାଇଁ ମଧ୍ୟ ରସୁଣ ବଡ଼ ଉପଯୋଗୀ ? ଏହାର ବ୍ୟବହାର ଖାଲି ଯେ, ଚୁଟିକୁ ବଢ଼ାଇଥାଏ ତାହା ନୁହେଁ ବରଂ ରୁପିରୁ ମଧ୍ୟ ମୁକ୍ତି ଦେଇଥାଏ ।
ମଜବୁତ ଚୁଟି ପାଇଁ ବି-୬-ସି ଏବଂ ମାଙ୍ଗାନିଜର ଆବଶ୍ୟକ ଥିଲା ବେଳେ ଏହିସବୁ ତତ୍ତ୍ୱ ରସୁଣରେ ମହଜୁଦ ରହିଛି । ରସୁଣରେ ଆଣ୍ଟିମାଇକ୍ରୋବିୟଲ ଏବଂ ଆଣ୍ଟିଫଙ୍ଗଲ ପ୍ରପଟିଜ ମଧ୍ୟ ରହିଛି । ଯାହା ଚୁଟିକୁ ବ୍ୟାକ୍ଟରିଆ ଏବଂ ଅନ୍ୟ କ୍ଷତିକାରକ ତତ୍ତ୍ୱରୁ ମୁକ୍ତି ଦେଇଥାଏ ।
ରସୁଣର ବ୍ୟବହାର ଦ୍ୱାରା ଚୁଟି ଝଡ଼ିବା ମଧ୍ୟ ବନ୍ଦ ହୋଇଥାଏ । ତେବେ ଯଦି ଆପଣ କୌଣସି ସ୍କିନ୍ ସମସ୍ୟାରେ ଅଛନ୍ତି ତେବେ ଚୁଟିରେ ରସୁଣର ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଦରକାର । ରସୁଣ ସହ ମହୁ ମିଶାଇ ଚୁଟିରେ ଲଗାଇଲେ ଚୁଟି ବଢ଼ିଥାଏ । ରସୁଣ ଏବଂ ନଡ଼ିଆ ତେଲ ମିଶାଇ ଚୁଟିରେ ଲଗାଇଲେ ଚୁଟି ଝଡ଼ିବା କମିଥାଏ । ସେହିପରି ରସୁଣ ଓ ଅଦା ମିଶାଇ ମଧ୍ୟ ଚୁଟିରେ ଲଗାଇଲେ ଚୁଟି ମଜବୁତ ହୋଇଥାଏ ।

## ଏକା ବୁଲନ୍ତୁ....

ବ୍ୟସ୍ତ ଜୀବନଶୈଳୀ ଭିତରେ ଟିକେ ଫାଙ୍କା ପାଇଲେ ବୁଲି ଆସିବାକୁ ନିଶ୍ଚୟ ଇଚ୍ଛା ହୁଏ । ଅନେକ ସମୟରେ ସାଙ୍ଗସାଥୀଙ୍କୁ ଧରି ଦଳବଦ୍ଧ ହୋଇ ବୁଲିବାକୁ ଯିବାର ଯୋଜନା କରନ୍ତି, ହେଲେ କୌଣସି କାରଣରୁ ଏହା ସଫଳ ହୋଇପାରେନି । ନିଜ ମନରେ ଥିବା ଭ୍ରମଣ ଯୋଜନାକୁ ସ୍ଥଗିତ ରଖିବା ବି ଭାରି କଷ୍ଟକର । ଏପରି ସ୍ଥିତିରେ ଏକାକୀ ବାହାରି ପଡ଼ନ୍ତୁ । ଏମିତି କେତେକ ସୁନ୍ଦର ସ୍ଥାନ ସମ୍ପର୍କରେ ଜାଣନ୍ତୁ ଯେଉଁଠାକୁ ଏକା ଗଲେ ବି କିଛି ସମସ୍ୟା ହୁଏନାହିଁ । ବରଂ, ଏହି ଯାତ୍ରା ଆପଣ ଖୁବ୍ ଉପଭୋଗ କରିପାରିବେ ।

### ମଥୁରା-ବୃନ୍ଦାବନ



କେବଳ ଯେ ଧାର୍ମିକ ଚିନ୍ତାଧାରାର ବ୍ୟକ୍ତି ବା ବୟସ୍କମାନେ ମଥୁରା-ବୃନ୍ଦାବନ ଯିବେ ବୋଲି ମାନେ ନାହିଁ । ଯୁବପିଢ଼ିଙ୍କ ପାଇଁ ବି ସେଠାରେ ଏକାଧିକ ଦର୍ଶନୀୟ ସ୍ଥାନ ରହିଛି ସବୁବେଳେ ଗହଳି ରହୁଥିବା ଏହି ସ୍ଥାନକୁ ଏକାକୀ ଯାଇ ସେହି ଗହଳିରେ ନିଜକୁ ହଜାଇଦେବା ବି ,କ ନିଆରା ଅନୁଭୂତି । ଏଠାରେ ସୁନ୍ଦର କଳାକୃତି ଥିବା ମନ୍ଦିର ସହିତ ନିଧିବନ, ପ୍ରେମ ମନ୍ଦିର, ଶ୍ରୀକୃଷ୍ଣ ଜନ୍ମଭୂମି ପରି ଦର୍ଶନୀୟ ସ୍ଥାନ ରହିଛି ।

### କସୋଲ

ହିମାଚଳ ପ୍ରଦେଶରେ ଥିବା କସୋଲ ଦେଶର ଅନ୍ୟତମ ଶାନ୍ତ ଏବଂ ସୁନ୍ଦର ସ୍ଥାନ । ବର୍ଷା ଭିତରେ ଏହାର ରୂପ ଆହୁରି ସୁନ୍ଦର ହୋଇଯାଏ । ଟ୍ରେକିଂ କରିବାକୁ ପସନ୍ଦ କରୁଥିଲେ, ଏହି ସୁବିଧା ବି ଏଠାରେ ଉପଲବ୍ଧ । ପାର୍ବତୀ ନଦୀ କୂଳରେ ଘାଟି ମଧ୍ୟରେ ଥିବା ଏକ ଛୋଟ ଗାଁରେ ଟ୍ରେକିଂ କରିବାର ସୁଯୋଗ ପାଇବେ ।



### ପଣ୍ଡିଚେରୀ

ଏହାକୁ 'ମିନି ଫ୍ରାନ୍ସ' ବୋଲି କୁହାଯାଏ । ପଣ୍ଡିଚେରୀ ବା ପୁଡୁଚେରୀ ଛୋଟ ସହରଟିଏ ହେଲେ ସୁଦ୍ଧା ପର୍ଯ୍ୟଟନ ଏବଂ ଆଧ୍ୟାତ୍ମିକତାର ମିଳନସ୍ଥଳ । ଶାନ୍ତ ପରିବେଶ ମଧ୍ୟରେ ଏଠାରେ କିଛିଦିନ ବିତାଇବାରେ ମଜା ଅନନ୍ୟ । ଏପରିକି ସମୁଦ୍ର କୂଳ ବି ଖୁବ୍ ଶାନ୍ତ ଏବଂ ଭିଡ଼ମୁକ୍ତ । ଇଚ୍ଛାକଲେ ସାଇକେଲ ଭଡ଼ାରେ ନେଇ ଫରାସୀ ଶୈଳୀରେ ନିର୍ମିତ ଏହି ସହରକୁ ଆରାମରେ ବୁଲିପାରିବେ ।



## ସ୍ତନ କର୍କଟ ନହେବା ପାଇଁ ସାବଧାନତା



ତିରିଶ ବର୍ଷ ପରେ ମହିଳାମାନେ ସ୍ତନ କର୍କଟରେ ଆକ୍ରାନ୍ତ ହେଉଥିବାର ଦୃଷ୍ଟାନ୍ତ ଅଧିକ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ତିରିଶ ଜଣରେ ଜଣେ ମହିଳା ସ୍ତନ କର୍କଟରେ ଆକ୍ରାନ୍ତ ହେଉଛନ୍ତି। ସାବଧାନ ତଥା କେତେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ ଦ୍ୱାରା ସ୍ତନ କର୍କଟ ଆଶଙ୍କା ରହେନାହିଁ। ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ଠିକ୍ ସମୟରେ ଶୋଇବା ଓ ଉଠିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସନ୍ତୁଳିତ ତଥା ଭିଟାମିନ ଡି, ସି ଏବଂ ବି-୧୨ ପେଷାକଯୁ଼ଯକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ତାଜା ଫଳ, ସବୁଜ ପନିପରିବା, ଶାଗ ସାମିଲ କରନ୍ତୁ। କଂଚା ରସୁଣ କର୍କଟ ପ୍ରତିରୋଧକ ହୋଇଥିବାରୁ ପ୍ରତିଦିନ ଖାଦ୍ୟରେ ଖାଇବା ଉପକାରୀ। ସବୁଜ ଚାହା ପିଅନ୍ତୁ। ଏହା ଏଣ୍ଟିଅକ୍ସିଡାଣ୍ଟଯୁକ୍ତ ହୋଇଥିବାରୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ନିୟମିତ ବ୍ୟାୟାମ ଦ୍ୱାରା ସ୍ତାନ କର୍କଟ ସମସ୍ୟା



ଦୂରହୁଏ। ପ୍ରତିଦିନ କିଛି ସମୟ ଚାଲନ୍ତୁ କିମ୍ବା ଧୀରେ ଦୌଡ଼ନ୍ତୁ। ସନ୍ତରଣ ଅଭ୍ୟାସ କରିପାରନ୍ତି। ଏହାଦ୍ୱାରା ଓଜନ ଠିକ୍ ରହେ, ରକ୍ତ ଚାପ ନିୟନ୍ତ୍ରିତ ହୁଏ, ଯକୃତରେ ଚର୍ବି ଜମେକନାହିଁ ଏବଂ ସ୍ତନ କର୍କଟ ସମସ୍ୟା ଟଳିଯାଏ। ମାନସିକ ଚାପରେ ରହନ୍ତୁ ନାହିଁ। ଚାପରୁ ମୁକ୍ତି ପାଇଁ ସବୁଠାରୁ ଭଲ ଉପାୟ ହେଲା ପ୍ରତିଦିନ ଧ୍ୟାନ ଓ ଯୋଗ ଅଭ୍ୟାସ କରନ୍ତୁ। କର୍କଟ ରୋଗର ପାରିବାରିକ ଇତିହାସ, ଚାଳିଶବର୍ଷ ପରେ ପ୍ରଥମ ସନ୍ତାନ ଜନ୍ମ, ଆଲକହଲ ସେବନ, ପ୍ରଜେଷ୍ଟରେନ କ୍ୱିବା ଏଷ୍ଟ୍ରୋଜେନ ହରମନ ବଟିକା ଖାଉଥିବା ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ଆଶଙ୍କା ଥାଏ। ଏଥିପ୍ରତି ସତର୍କ ହିବା ଜରୁରୀ। ନିୟମିତ ବ୍ୟଧଶନରେ ବିଭାଗୀୟ ଡାକ୍ତରଙ୍କ ଠାରେ ପରୀକ୍ଷା କରାଇବା ଦ୍ୱାରା ସ୍ତନ କର୍କଟ ସମସ୍ୟା ଜଣାପଡ଼େ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କୋଭିଡ୍-ପର ଅର୍ଥନୀତି ଚିନ୍ତା..

ତମାମ୍ ବିଶ୍ୱରେ ଚହଳ ପକାଇ ଦେଇଥିବା କରୋନା ଭୂତାଣୁ ସଂକ୍ରମଣ ଉପରେ ଅଙ୍କୁଶ କଷିବାପାଇଁ ଆରମ୍ଭ ହୋଇଯାଇଛି ଟିକା ଅଭିଯାନ। ଆମେରିକା, ବ୍ରିଟେନଠାରୁ ଆରମ୍ଭ କରି ବିଶ୍ୱର ଅଧିକାଂଶ ଦେଶରେ ଦଫାଓ୍ୱାରି ଟିକାକରଣ ଚାଲିଛି। ପ୍ରତିଷେଧକ ହେଉଛି ଆରୋଗ୍ୟଠାରୁ ମହତ୍ତର। ସେହି ନ୍ୟାୟରେ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତଙ୍କୁ ଟିକାଭଳି ରକ୍ଷା କବଚର ଅନ୍ତର୍ଭୁକ୍ତ କରିବା ସକାଶେ ଚାଲିଥିବା ମହାଅଭିଯାନ ବେଗ ଧରିଥିବାରୁ ସମସ୍ତେ ଆଶାନ୍ୱିତ ହେବା ସ୍ୱାଭାବିକ୍ ଯେ, ୨୦୨୦ରେ ସମସ୍ତଙ୍କୁ ଆଚ୍ଛନ୍ନ ଓ ଆକ୍ରାନ୍ତ କରି ରଖିଥିବା ଦୁଃସ୍ୱପ୍ନର ଅବଶ୍ୟ ଅନ୍ତ ଘଟିବ। ବହୁ ଅର୍ଥ ବ୍ୟୟ ତଥା ଆୟାସସାଧ୍ୟ ପରୀକ୍ଷା ପରେ ଉତ୍ପନ୍ନ ହୋଇଥିବା ଟିକା ପ୍ରମାଣ କରିଦେବ କି, କରୋନା ସବୁକାଳ ପାଇଁ ଅଜେୟ ରହିନପାରେ। ଗତବର୍ଷ କରୋନା ଯେଉଁଭଳି ସମସ୍ତଙ୍କୁ ବିଷାଦ, ଅବସାଦ ଓ ହତାଶାରେ ବୁଡ଼ାଇ ରଖିଥିଲା, ସେଥିରେ ବିରାମ ଚିହ୍ନ ଟଣାଯିବା ସମୟ ଉପଗତ ଭଳି ମନେ ହେଉଛି। ଅତିକମ୍‌ରେ ଟିକା ସମସ୍ତଙ୍କ ମନରେ ଯେଉଁ ଆଶା ଓ ଆସ୍ଥାଭାବର ସଂଚାର କରିଛି; ତାହା ବୁଡ଼ିଯାଇଥିବା ଅର୍ଥନୀତି ଓ ସମାଜ ବ୍ୟବସ୍ଥାକୁ ପୂର୍ବଗୁଳାକୁ ଫେରାଇଆଣି ପାରିବ ବୋଲି କେତେକ ମହଲରେ ଭରସା ସୃଷ୍ଟି କରିଛି। ତାହାରି ଭିତରେ ବିଶ୍ୱ ତଥା ଜାତୀୟ ଅର୍ଥନୈତିକ ଚିତ୍ରପଟରେ ଉଙ୍କୁଟି ଉଠିଥିବା ନିରାଶାପୂର୍ଣ୍ଣ ଚିତ୍ର ଏବେସୁଦ୍ଧା ପୁରାମାତ୍ରାରେ ଲିଭିଯାଇନାହିଁ। ଏତେଶୀଘ୍ର ଅର୍ଥନୈତିକ ଅଭିବୃଦ୍ଧି ସହସା ପୂର୍ବଗୁଳାକୁ ଫେରିଆସିବା ନେଇ ଆଶଙ୍କା ଲାଗି ରହିଛି। ତାହାର ମଧ୍ୟ ରହିଛି ଏକାଧିକ କାରଣ।

ଦେଶର ମୋଟ୍ ଆଭ୍ୟନ୍ତରୀଣ ଉତ୍ପାଦ (ଜିଡିପି)ରେ ଯେଉଁ ଅଧଃପତନ ହୋଇଛି, ତାହା ଏତେଶୀଘ୍ର ସୁଧୁରିଯିବ ବୋଲି ଯେତେ ବୁଝାଯାଉଥିଲେ ହେଁ, ବହୁକାଳ ଯାଏଁ ସମସ୍ତଙ୍କୁ ଅପେକ୍ଷା କରିବାକୁ ପଡ଼ିବା ଥୟ। ପାଖାପାଖି ୨୪ ଶତାଂଶ ପର୍ଯ୍ୟନ୍ତ ଖସିଯାଇଥିବା ଜିଡିପି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିନେଇ କେତେକ ମହଲ ଯେଉଁ ଆଶାବାଦିତା ପ୍ରକଟ କରୁଛନ୍ତି, ତାହା ପଛରେ କିଛି କାରଣ ନାହିଁ ବୋଲି ଏମିତିରେ କହିହେବ ନାହିଁ। ମାତ୍ର କରୋନା ସଂକ୍ରମଣ ପୂର୍ବରୁ ମଧ୍ୟ ଆମ ଅର୍ଥନୀତିରେ ଏକାଧିକ କାରଣବଶତଃ ପତନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା। ଆମେ ବୁଝାଇଦେବାକୁ କ୍ଷମତା ଜୁଟାଇଲୁ କି, ଏହା ହେଉଛି ବୈଶ୍ୱିକ ସ୍ଥିତିର ପ୍ରତିଫଳନ। କିନ୍ତୁ ମାସ କେଇଟା ଯାଇଛି କି' ନାହିଁ; କରୋନା ମହାରାକ୍ଷସ ଗ୍ରାସ ଭିତରେ ଲୀନ ହୋଇଗଲା ଅର୍ଥନୀତି। ଏମିତି କେଉଁ ଦେଶ ନାହିଁ, ଯାହାର ଅର୍ଥନୀତି ପ୍ରତିକୂଳ ପ୍ରଭାବ କବଳିତ ହୋଇନାହିଁ। ବଡ଼ ବଡ଼ କମ୍ପାନି ଓ କାରଖାନାରେ ତାଲା ପଡ଼ିଲା, କମ୍ପାନି କର୍ମଚାରୀମାନେ ହୁଏତ ନିଯୁକ୍ତି ହରାଇଲେ କି' କାଟ୍-ଦରମାରେ କାମରେ ରହିଲେ। ଅଧିକାଂଶଙ୍କୁ ଓ୍ୱାର୍କ-ଫ୍ରମ୍-ହୋମ୍ ଭଳି ବ୍ୟବସ୍ଥାର ଅବଲମ୍ବନ ନେବାକୁ ପରାମର୍ଶ ଦିଆଗଲା। ଏବେ ପୁରୁଣା ଗୁଳାକୁ ଦୁର୍ବଳ ତଥା ଦେବାଳିଆ ଅର୍ଥନୀତିକୁ ଫେରାଇ ଆଣିବାକୁ ହେଲେ କେତେ କ'ଣ କରିବାକୁ ହେ, ତାହାନେଇ ଅର୍ଥନୀତିବିଦ୍‌ମାନେ ଚିନ୍ତାରେ ରହିଥିବା ସ୍ୱାଭାବିକ୍। ସରକାରୀ ବିଧି ବ୍ୟବସ୍ଥାରେ ଯେମିତି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଂଜି ପ୍ରତ୍ୟାହାର ଓ ଦେବାଳିଆ ବ୍ୟାଙ୍କ ତଥା ଅର୍ଥ ସଂସ୍ଥାକୁ ବିପୁଳ ଧନରାଶି ଦେଇ ଅଂଟା ସଳଖିବାକୁ ସାହାଯ୍ୟ ଯୋଗାଇବା ପାଇଁ ଚିନ୍ତା କରାଯାଉଥିଲା, ତାହା ନୂଆ ରୂପରେ ପ୍ରବର୍ତ୍ତିତ ହେବାକୁ ବାଧ୍ୟ। ସବୁ ପ୍ରକାର ପ୍ରତିକାର ଉପଚାର ଭିତରେ ଖୁବ୍ ଶୀଘ୍ର ସୁଧାର ଆସିଯିବ ବୋଲି କୁହାଯିବା ଦୁରାଶା ମାତ୍ର। ଏବେ ବି ଆଶଙ୍କା ଜୀବିତ ଅଛି ଯେ, ଅଭିବୃଦ୍ଧି ହାର ବିଯୁକ୍ତ ୨୫%କୁ ସଂକୁଚିତ ହେବ। ୨୦୨୦-୨୧ ଆର୍ଥିକ ବର୍ଷରେ ଜିଡିପି ହ୍ରାସ ହେବାଦ୍ୱାରା ବଜେଟ୍ ଆକଳନ ପ୍ରଭାବିତ ହେବା ଆଶଙ୍କା ଯଥେଷ୍ଟ ଅଧିକ। ସରକାର ଯେଉଁ ଗୋଲାପୀ ଚିତ୍ର ଦେବାକୁ ଚାହୁଁଥିବେ, ତାହା ବିକୃତ ରୂପରେ ପ୍ରତିଫଳିତ ହୋଇଯିବାର ଆଶଙ୍କା ଯଥେଷ୍ଟ ଅଧିକ। ଅବଗଣନା ସ୍ତରରୁ ଯଦି ଅତ୍ୟଧିକ ଆଶାର ଝଲକ ଦେଖାଇବାର ଗତାନୁଗତିକ ପ୍ରକ୍ରିୟାଠାରୁ ଦୂରେଇ ରହି ବସ୍ତୁନିଷ୍ଠ ହୋଇପାରିବା, ତେବେ ହୁଏତ କିଛି ଉପକାର ମିଳିପାରିବ। ସମସ୍ତେ ଦେଖୁଛନ୍ତି ଯେ, କରୋନା ମାଡ଼ରୁ ଅଣ-ସଂଗଠିତ କ୍ଷେତ୍ର ମୁକୁଳି ପାରିନାହିଁ। ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରୋନା ସଂକ୍ରମଣ ଜନିତ ମାତ୍ରାଧିକ ବ୍ୟୟରେ ଭାରାକ୍ରାନ୍ତ ହୋଇଛି; ତାହାକୁ ଉପରକୁ ଉଠାଇବା ଯେତେ ବେଶୀ ସହଜ ବୋଲି ବିଚାର କରାଯାଉଛି, ତାହା ସେଭଳି ହୋଇନପାରେ। ସୁତରାଂ ଅଭିବୃଦ୍ଧି ହାରରେ ସମ୍ଭାବ୍ୟ ଅଧୋଗତି ନେଇ ଆଶଙ୍କା ବଳବତ୍ତର ରହିଛି ବୋଲି କୁହାଯାଇପାରେ। ଲକ୍‌ଡାଉନ, ସଟ୍‌ଡାଉନ୍ ଠାରୁ କଂଟେନମେଂଟ ଭଳି ବ୍ୟବସ୍ଥା ସହିତ ଯେଉଁ ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପରିଧାନ, ହସ୍ତ ପ୍ରକ୍ଷାଳନ ଭଳି ପ୍ରତିକାର ବ୍ୟବସ୍ଥା ପୂର୍ବବତ୍ ପାଳନ କରିବାକୁ ହୋଇପାରେ। ବିଦ୍ୟାଳୟ ଓ ଧର୍ମାଳୟଗୁଡ଼ିକ ଖୋଲିବା ଭିତରେ କୋଭିଡ୍ କଟକଣାର ଅନୁପାଳନ କରାଯାଉଛି। ଅର୍ଥନୀତି ଓ ସମାଜ ନୀତି ଯେଉଁ ପ୍ରହାରର ଜ୍ୱାଳା ଭିତରେ ଗତି କରୁଛି, ତାହାର ପ୍ରଶମନ ପାଇଁ ଆଶା କରାଯିବା କଥା; ବିଦାୟ ଦେବା ପୂର୍ବରୁ କରୋନା ଉପରେ ଶକ୍ତ ପ୍ରହାର କଷିବା ପାଇଁ ଟିକା ମହାଭିଯାନକୁ ପ୍ରଭାବଶାଳୀ ଢ଼ଙ୍ଗରେ ତେଜାଇବାକୁ ପଡ଼ିବ।

# ସିପାହୀ ବିଦ୍ରୋହର ସୂତ୍ରଧର-ଚନ୍ଦନ ହଜୁରୀ





ଅକ୍ଷୟ କୁମାର ରାଉତ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭

**କେତେ ମହାମନିଷୀ କେତେ ଅବତାର କେତେ ଯୁଗାନ୍ତକାରୀ ଜ୍ଞାନୀ,ମାନୀ,ମହାପୁରୁଷ, ଏଇ କାନନ କୁନ୍ତଳା ତଟିନୀ ମେଖଳା ମନ୍ଦିର ମୟୀ କୀର୍ତି କୀରିଟିନୀ ଚିର ମହନୀୟା ଭାରତ ମାତାର କୋଳ ଆଲୋକିତ କରି ତ୍ୟାଗ ଆଦର୍ଶ ଓ ଜ୍ଞାନ କର୍ମ ର ଅକ୍ଷୟ ଐଶ୍ୱର୍ଯ୍ୟରେ ସମଗ୍ର ବିଶ୍ୱକୁ କରିଛନ୍ତି ଦୀପ୍ତିମନ୍ତ। ସେମାନଙ୍କ ମଧ୍ୟରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ହେଉଛନ୍ତି ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ। ସମ୍ଭବତଃ ୧୮୨୭ ମସିହା ଅକ୍ଟୋବର ୩୦ ତାରିଖ କାର୍ତୀକ ଶୁକ୍ଳ ଏକାଦଶୀ ମଙ୍ଗଳ ବାର ତୁଳା ୧୫ ଦିନ (ଅନ୍ୟମତେ ଶାମ୍ବଦଶମୀ ଜାନୁୟାରୀ ୨୦ ତାରିଖ) ହରଚଣ୍ଡୀ ବୁଢା ଭୀମସେନ ହଜୁରୀ ବଡ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ସମୟରେ ଘରେ ଜନ୍ମ ନେଲେ ହଜୁରୀ ଚନ୍ଦନ ଖୁଣ୍ଟିଆ।**

କେତେ ମହାମନିଷୀ କେତେ ଅବତାର କେତେ ଯୁଗାନ୍ତକାରୀ ଜ୍ଞାନୀ,ମାନୀ,ମହାପୁରୁଷ, ଏଇ କାନନ କୁନ୍ତଳା ତଟିନୀ ମେଖଳା ମନ୍ଦିର ମୟୀ କୀର୍ତି କୀରିଟିନୀ ଚିର ମହନୀୟା ଭାରତ ମାତାର କୋଳ ଆଲୋକିତ କରି ତ୍ୟାଗ ଆଦର୍ଶ ଓ ଜ୍ଞାନ କର୍ମ ର ଅକ୍ଷୟ ଐଶ୍ୱର୍ଯ୍ୟରେ ସମଗ୍ର ବିଶ୍ୱକୁ କରିଛନ୍ତି ଦୀପ୍ତିମନ୍ତ। ସେମାନଙ୍କ ମଧ୍ୟରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ହେଉଛନ୍ତି ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ। ସମ୍ଭବତଃ ୧୮୨୭ ମସିହା ଅକ୍ଟୋବର ୩୦ ତାରିଖ କାର୍ତୀକ ଶୁକ୍ଳ ଏକାଦଶୀ ମଙ୍ଗଳ ବାର ତୁଳା ୧୫ ଦିନ (ଅନ୍ୟମତେ ଶାମ୍ବଦଶମୀ ଜାନୁୟାରୀ ୨୦ ତାରିଖ) ହରଚଣ୍ଡୀ ବୁଢା ଭୀମସେନ ହଜୁରୀ ବଡ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ସମୟରେ ଘରେ ଜନ୍ମ ନେଲେ ହଜୁରୀ ଚନ୍ଦନ ଖୁଣ୍ଟିଆ। ଜଗନ୍ନାଥଙ୍କ ଚନ୍ଦନ ବେଶ ବେଳେ ଜନ୍ମ ହୋଇଥିବାରୁ ତାଙ୍କ ନାମ ଚନ୍ଦନ। ଆନନ୍ଦ ବଜାର ରେ ସବୁଦିନ ମହାପ୍ରସାଦ ଚାଖୁଥିବାରୁ ଲୋକେ ଡାକିଲେ ଚାଖି, ତାଙ୍କ ପୂର୍ବ ପୁରୁଷଙ୍କୁ ପୁରୀ ରାଜା ହଜୁରୀ ଉପାଧି ପ୍ରଦାନ କରିଥିବାରୁ ତାଙ୍କୁ ହଜୁର୍ ବୋଲି ସମ୍ମାନ କରାଯାଉଥିଲା। ଚନ୍ଦନ ହଜୁରୀ ସଂସ୍କୃତ ନପଢି ହିନ୍ଦୀ ପଢିଲେ ଓ ହିନ୍ଦୀ ପଢିବାରେ ସମସ୍ତଙ୍କୁ ଟପିଗଲେ। ଭୀମସେନ ହଜୁରୀ ପ୍ରତି ବର୍ଷ ପଣ୍ଡିମା ଯାତ୍ରୀ ଆଣିବାକୁ ଯାଆନ୍ତି। ତାଙ୍କର ଅନେକ ଯାତ୍ରୀ ଉତର ପ୍ରଦେଶର ବିଠୁର ନାମକ ସ୍ଥାନରୁ ଆସିଥାନ୍ତି। ଭୀମସେନ ଥିଲେ ଝାନସୀ ରାଜ୍ୟ ଓ ପେଶଓ୍ୱାଙ୍କ ପୁରୀ ପଣ୍ଡା। ଚନ୍ଦନ ବାପାଙ୍କ ସାଙ୍ଗରେ ଅନେକ ସମୟ ବିଠୁର ଯାଉଥିଲେ। ସେଠାରେ ସେ ପେଶ୍‌ଓ୍ୱାଙ୍କ ଦେଓ୍ୱାନ ମୋରପନ୍ତଙ୍କ ଝିଅ ମନୁବାଈ (ଛବେଳୀ) ଓ ନାନାସାହେବଙ୍କ ସହ ଖଣ୍ଡା ଖେଳ ଓ ଘୋଡା ଚଢାରେ ଯୋଗଦେଉଥିଲେ। ଝାନ୍‌ସୀର ରାଜା ଗଙ୍ଗାଧର ରାଓଙ୍କର ପ୍ରଥମ ସ୍ତ୍ରୀ ର ଦେହାନ୍ତ ପରେ। ଭିମସେନ ଙ୍କ ମଧ୍ୟସ୍ଥାରେ ଗଙ୍ଗାଧର ମନୁବାଈକୁ ବିବାହ କରିଥିଲେ । ବିବାହ ପରେ ମନୁବାଈଙ୍କ ନାମ ହେଲା ଲକ୍ଷ୍ମୀବାଈ। ବେପାର କରୁ କରୁ ଗୋରା ବଣିକ ମାନେ ଭାରତ ବର୍ଷର ଶାସକ ହୋଇଗଲେ । ଇଂରେଜ ଜାତିର ଅନ୍ୟାୟ ଓ ଅବି ?ର ବିରୁଦ୍ଧରେ ବାଳକ ଚନ୍ଦନ ହଜୁରୀଙ୍କ ମନରେ ବିଦ୍ରୋହର ନିଆଁ ଜାଗିଉଠିଥିଲା। ବକ୍ସି ଜଗବନ୍ଧୁଙ୍କ ପାଇକ ବିଦ୍ରୋହ ଥିଲା ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମ । ଆମ ଓଡିଆ ପୁଅ ପ୍ରଥମେ ଖଣ୍ଡା ଉଠାଇ ଭୟଭୀତ କରିଥିଲା ଗୋରା ସରକାରଙ୍କୁ । ଏଇ ମହାନ୍ ସଂଗ୍ରାମ କଥା ଚନ୍ଦନ ହଜୁରିଙ୍କ ମନରେ କରିଥିଲା ଗଭୀର ରେଖାପାତ। ଲକ୍ଷ୍ମୀବାଈଙ୍କର ସ୍ୱାମୀ ଓ ପୁଅ ଦୁହେଁ ଜଣକ ପରେ ଜଣେ ମରିଗଲେ ରାଜ୍ୟ ଅରାଜକ ହୋଇଗଲା। ଇଂରେଜ ସରକାର ଝାନ୍‌ସୀ ଦଖଲ କରି ରାଣୀଙ୍କୁ ୫ହଜାର ଟଙ୍କା ଭତା ଦେଲେ। ଏହି ବିପଦ ବେଳେ ରାଣୀ ଲକ୍ଷ୍ମୀବାଈ ପିଲାଦିନର ସାଙ୍ଗ ,ଭାଇ ଓ ଗୁରୁ ଚନ୍ଦନ ହଜୁରୀଙ୍କୁ ମନେ ପକାଇ ଚିଠିଟିଏ ଦେଲେ। ଚିଠି ପାଇ ଚନ୍ଦନ ନିଜ ସ୍ତ୍ରୀ ସୁନ୍ଦର ମଣୀ ଓ ଘରର ଦାୟତ୍ୱ ପାରୀନାନୀ ଙ୍କ ହାତରେ ଦେଇ ଝାନସୀ ଅଭିମୁଖେ ଯାତ୍ରା କଲେ । ପାରୀନାନୀ ସୁନ୍ଦର ମଣୀକୁ ବୁଝେଇ ଦେଲେ ଚନ୍ଦନ ହେଉଛି ଉତ୍କଳର ମଲ୍ଲ ସେ କେତେ କୁସ୍ତି କସରତରେ ଅନେକ ମଲ୍ଲଙ୍କୁ କଚାଡି ଦେଇଛି। ତେଣୁ ଚନ୍ଦନଙ୍କୁ ପଲଟଣ ପଣ୍ଡା ବା ତୀର୍ଥ ଗୁରୁଜୀ ବୋଲି ଲୋକେ ଡାକୁଥିଲେ। ଝାନ୍‌ସୀରେ ପହଞ୍ଚି ଚନ୍ଦନ ହଜୁରୀ ରାଣୀ ଙ୍କୁ ପରାମର୍ଶ ଦେଲେ, ନାନା ସାହେବ ଓ ତାନ୍ତିଆ ଟୋପେଙ୍କ ସିପାହୀ ମାନଙ୍କୁ ନେଇ ଇଂରେଜ ମାନଙ୍କ ସାଙ୍ଗରେ ଲଢିବେ। ଚନ୍ଦନ ହଜୁରୀ ବିଠୁରରେ ନାନା ସାହେବ ,ମୁସଲମାନ ମାନଙ୍କ ନେତା ଓକିଲ ଆଜମୋଲ୍ଲା ଖାଁ , ତାନ୍ତିଆ ଟୋପେ ଓ ଦିଲ୍ଲୀ ସମ୍ରାଟ ବାହାଦୁର ଶାହାଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଝାନ୍‌ସୀ ରାଜ୍ୟର ଗାଁ ଗହଳିରେ ବୁଲିଲେ ,ଲୋକମାନଙ୍କୁ କହିଲେ ଆମେ ମିଳିମିଶି ଏ ଇଂରେଜ ସରକାରଙ୍କୁ ଆମ ଦେଶରୁ ତଡିବା। ସବୁ ଲୋକ ତାଙ୍କ କଥାରେ ମାତିଗଲେ। ଏହି ସମୟରେ ଚନ୍ଦନ ହଜୁରୀ ଏକ ଜନରବ ସୃଷ୍ଟି କରିବାର ଶୁଣାଯାଏ, ଇଂରେଜ ସରକାରଙ୍କ ଅଧିନରେ ଥିବା ସିପାହୀ ମାନଙ୍କୁ ବନ୍ଧୁକ ଫୁଟାଇଲା ବେଳେ ଯେଉଁ ଟୋଟାକୁ ଦାନ୍ତରେ କାମୁଡିବାକୁ ପଡୁଥିଲା , ତାହା ଉପରେ ଗୋରୁ ଓ ଘୁଷୁରି ର ଚର୍ବି ବୋଳା ଯାଇଛି। ସିପାହୀ ମାନେ ଧର୍ମ ଯିବା ଭୟରେ ବିଦ୍ରୋହ ଆରମ୍ଭ କରିଦେଲେ, ଏହାଥିଲା ୧୮୫୭ ମସିହା ସିପାହୀ ବିଦ୍ରୋହ। ଝାନ୍‌ସୀ ଦୁର୍ଗ ଇଂରେଜ ସେନାପତି ସ୍କିନ ଅଧିକାର କରିନେଲେ। ହଠାତ ଦିନେ ଝାନ୍‌ସୀ ରାଜ୍ୟର ହଜାର ହଜାର ଲୋକ ହାତରେ ହାତ ହତିଆର ଧରି ଝନ୍‌ସୀ ଦୁର୍ଗ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସିପାହୀ ଓ ଗୋରା ସେନାପତି ସ୍କିନଙ୍କୁ ନାକେଦମ କରି ଦେଇ ଦୁର୍ଗ ଅଧିକାର କରି ନେଲେ। କିଛି ଦିନପରେ ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈଙ୍କ ହାତ ମୁଠାକୁ ଆସିଲା। ଇଂରେଜ ସରକାର ହାର ମାନିଲେ। ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଇ ଅଧିକାର କରିବାର ଗୋଟିଏ ବର୍ଷ ପୁରି ଗଲା। ଇଂରେଜ ସରକାର ସୁଯୋଗ ଖୋଜୁଥିଲ, କେମିତି ଝାନ୍‌ସୀ ଦୁର୍ଗ ଅଧିକାର କରିବେ। ସାର୍‌ହିଉରୋଜ ଓ କଲିନ୍ କ୍ୟାମ୍ପବେଲ ନେତୃତରେ ଇଂରେଜ ସେନାବାହିନୀ ୧୮୫୮ ସାଲରେ ଝାନ୍‌ସୀ ଦୁର୍ଗ ଆକ୍ରମଣ କରିଥିଲେ। ଝାନ୍‌ସୀ ନଗରିରେ ଯୁଦ୍ଧର ନାଗରାବାଜି ଉଠିଲା। ରାଣୀ ଲକ୍ଷ୍ମୀବାଈ ବୀର ପୋଷାକ ପିନ୍ଧି ଖଣ୍ଡା ଧରି ଯୁଦ୍ଧ ଭୂମିରେ ଠିଆହେଲେ। ଲକ୍ଷ୍ମୀବାଇ ତାଙ୍କର ୨ ଜଣ ପ୍ରଧାନ ସହଯୋଗି ରାମଚନ୍ଦ୍ର ଦେଶମୁଖ୍ ଖୋଦାବକ୍ସ ଓ ସେନାପତି ଗୋଲାମ ଚୌସ୍ , ଇଂରେଜ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସୈନ୍ୟ ପ୍ରାଣଭୟରେ ଯୁଦ୍ଧ ଭୂମିରୁ ପଳାଇ ଯିବାକୁ ବାଟ ପାଇଲେ ନାହିଁ। ସାର୍ ହିଉରୋଜ ଜଣେ ନାରୀ ର ରଣ କୌଶଳ ଦେଖି ଆଶ୍ଚର୍ଯ୍ୟ ହେଲେ। ଏତିକି ବେଳେ ଠାକୁର ଲାଲାଜି ବିଶ୍ୱାସ ଘାତକତା କରି ମୂଳ ଦୂର୍ଗ ଦୁଆର ଖୋଲିଦେଇ ଇଂରେଜ ସୈନ୍ୟ ମାନଙ୍କୁ ଦୁର୍ଗ ଭିତରକୁ ବାଟ ବତାଇଦେଲେ। ରାଣୀ ଲକ୍ଷ୍ମୀବାଇ ଓ ତାଙ୍କ ପୁଅ ଦାମୋଦର ଓ ଚନ୍ଦନ ହଜୁରୀ ଦୁର୍ଗ ଭିତରୁ ପଳାଇ ଗଲେ। ଏହି ଯୁଦ୍ଧରେ ସାହାଯ୍ୟ କରିବାକୁ ଆସୁଥିବା ତାନ୍ତିଆ ଟୋପେ ଓ ତାଙ୍କର ୨୦ହଜାର ସୈନ୍ୟ ବାଟରେ ଧରାପଡିଗଲେ। ସିନ୍ଧିଆ ଇଂରେଜକୁ ଡରି ସାହାଯ୍ୟ କଲେ ନାହିଁ। ଗୋଓ୍ୱାଲିଅର ପାଖାପାଖି ଏକ ନଦୀ କୁଳରେ ରାଣୀ ଲକ୍ଷ୍ମୀବାଈ ଗୋରା ବାହିନୀ ସଙ୍ଗେ ଯୁଦ୍ଧ କଲେ। ଝାନ୍‌ସୀ ରାଣୀ ଙ୍କ ଘୋଡା ପାଣି ଦେଖି ହଠାତ୍ ଅଟକିଗଲା। ରୋଜ୍ ସାହେବଙ୍କ ଗୁଳିରେ ରାଣୀଙ୍କ ଦେହରୁ ଝର ଝର ରକ୍ତ ନିଗିଡି ଗଲା। ଚନ୍ଦନ ହଜୁରୀଙ୍କ ହାତରୁ ମହାପ୍ରସାଦ ପଣି ପାଇ, ସେହି ନଦୀ କୁଳରେ ପ୍ରାଣହରାଇଲେ। ଜଳନ୍ତା ଜୁଇରେ ଚିର ନିଦ୍ରା ରେ ଶୋଇଲେ ଭାରତର ବାଘୁଣୀ ଲକ୍ଷ୍ମୀବାଈ। ତାନ୍ତିଆ ଫାଶୀପାଇଲେ । ନିଖୋଜ ହେଲେ ନାନା ସାହେବ। ଚନ୍ଦନ ହଜୁରୀ ସାଧୁ ଗଙ୍ଗା ଦାସ ନାମରେ ଲୁଚି ଲୁଚି ବୁଲିଲେ। ବାହାଦୁର ଶାହଙ୍କୁ ଇଂରେଜ ମାନେ ବର୍ମାର ରେଙ୍ଗୁନ୍ ରେ ବନ୍ଦି କରି ରଖିଲେ। କାଲାକା ଙ୍କର ରାଜାଙ୍କ ନିକଟରେ ଚନ୍ଦନ ହଜୁରୀ ବହୁଦିନ ରହିଗଲେ। ଇଂରେଜ ପୋଲିସ ଚନ୍ଦନକୁ ଧରିବା ଲାଗି ଛାଇଭଳି ଜଗିରହିଲେ। ଏଣେ ଚନ୍ଦନ ହଜୁରୀଙ୍କର ମୃତ୍ୟୁ ଖବର ଚାରିଆଡେ ପ୍ରଚାର ହୋଇଗଲା। ତାଙ୍କର ସ୍ତ୍ରୀ ସୁନ୍ଦର ମଣି ବିଧବା ହେଲେ। ଚନ୍ଦନ ହଜୁରୀ ଦେଢବର୍ଷ କାଳ ବଣ ଜଙ୍ଗଲ ଭିତରେ ବୁଲି ବୁଲି ୧୮୬୫ ମସିହା ରେ ନିଜର ଜନ୍ମ ଭୂମି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ପରେତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର ପାରି ନାନି ଥଟ୍ଟାରେ ଢଗ ବୋଲିଲେ -

'ନଇରେ ବାଲିଆ ଚହଟିଲା
କଜଳ ସିନ୍ଦୂର ନାଆ ଲୋ ରାଣ୍ଡ
ପୁଣି ଚାଖିଆ ଲେଉଟିଲା'।

ମଣିଷ ମାରିବା ଅପରାଧରେ ପୁରୀ ରେ ଚାଖି ଖୁଣ୍ଟିଆଙ୍କ ବିଚାର ଚାଲିଲା। କିଛି ପ୍ରମାଣ ମିଳିଲା ନାହିଁ ।

ତାଙ୍କୁ ନଜର ବନ୍ଦୀ କରାଗଲା। ନିୟମ କରାଗଲା ସେ ପୁରୀ ବାହାରକୁ ଯାଇପାରିବେ ନାହିଁ। ପ୍ରତିଦିନ ତାଙ୍କୁ ଥାନାରେ ହାଜିର ହେବାକୁ ପଡୁଥିଲା।

ଚାଖ ,ଖଣ୍ଡା ଛାଡି କଲମ ଧଇଲେ। ଜଗନ୍ନାଥଙ୍କ ଭାବ ଭକ୍ତିରେ ଜଣାଣ ଭଜନ ଲେଖି ଚାଲିଲେ -

'ଧଣ୍ଡାମାଳ ବୁହା ଦୁର୍ଦ୍ଦଶା ରାହୁ
ଚଣ୍ଡାଳ ଗ୍ରାସୁଅଛି ଚାହୁଁ ଚାହୁଁ
ଭଣ୍ଡାରେ ଖଣ୍ଡା ନାହିଁ କି ମଣିମା
ଗଣ୍ଡାକର ଦିଶୁ ନାହିଁ ମହିମା
ହେ'।

ଜୀବନର ସବୁ ସାହା ଭରସା ହରାଇ ତାଙ୍କ ମନ ହା ହା କାର କରୁଥିଲା। ସେ ନିରାସ ହୋଇ କଳା ଠାକୁରଙ୍କ ଆଗରେ ଜଣାଣ କରୁଥିଲେ -

'ଡେଣା ଭଙ୍ଗା ପକ୍ଷୀ
ପରାୟେ ହୋଇ
ଡାକ ବିନୁ ଗତି
ଅନ୍ୟଥା ନୋହି'।

ସମ୍ଭବତଃ ୧୮୮୮ (୧୮୭୦) ମସିହା ଅକ୍ଟୋବର ୧୮ ତାରିଖ ଦିନ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆ ସିପାହୀ ବିଦ୍ରୋହର ସୂତ୍ରଧର ଆମକୁ ଛାଡି ଅମର ପୁରକୁ ଚାଲିଗଲେ। ଆଜିର ଓଡିଆ ପୁଅ ଏଇ ବୀରଙ୍କୁ ମନେପକାଇ ନିର୍ଭୀକ ହେଉ।

+ପାରାଦ୍ୱୀପ ଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ- ୯୯୩୭୬୯୧୪୭୫

# ଶ୍ରୀମନ୍ଦିର ଓ ମୁକ୍ତିମଣ୍ଡପ

ସୂର୍ଯ୍ୟ ନାରାୟଣ ରଥ



ଶ୍ରୀକ୍ଷେତ୍ର ବା ପୁରୁଷୋତମ କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ମହାପ୍ରଭୂଙ୍କୁ କେନ୍ଦ୍ରକରି ନଅ ଗୋଟି ମଣ୍ଡପ ରହିଛି । ସେଥି ମଧ୍ୟରୁ ମୁକ୍ତି ମଣ୍ଡପ ହେଉଛି ସବୁଠାରୁ ଶ୍ରେଷ୍ଠ, ପ୍ରାଚୀନତମ ଓ ସ୍ୱତନ୍ତ୍ର ମଣ୍ଡପ । ମୁକ୍ତିମଣ୍ଡପ ବର୍ଷ ସାରା ସମ୍ପୂର୍ଣ୍ଣ ରୂପେ ଶ୍ରୀଜୀଉଙ୍କ ସହ ଅଙ୍ଗାଅଙ୍ଗୀ ଭାବରେ ଜଡ଼ିତ । ଶ୍ରୀମନ୍ଦିର ଖୋଲିବା ଠାରୁ ରାତ୍ରରେ ଠାକୁରଙ୍କ ପହୁଡ଼ ପର୍ଯ୍ୟନ୍ତ ମୁକ୍ତିମଣ୍ଡପ ପଣ୍ଡିତମାନେ ମଣ୍ଡପ ଉପରେ ଉପସ୍ଥିତ ଥାଆନ୍ତି । ଶ୍ରୀଜୀଉଙ୍କ ଆବିର୍ଭାବ ଓ ଅନୁଷ୍ଠାନର ସମସ୍ତ ପ୍ରତିଷ୍ଠା କାର୍ଯ୍ୟ ସ୍ୱୟଂ ବ୍ରହ୍ମା ଏହି ମଣ୍ଡପ ଉପରେ ଉପବେଶନ କରି ସମ୍ପାଦନ କରିଥିବାରୁ, ଏହାର ଅନ୍ୟ ନାମ ବ୍ରହ୍ମବେଦୀ ବା ବ୍ରହ୍ମାସନ ବା ଯଜ୍ଞବେଦୀ ନାମରେ ନାମିତ ହୋଇ ଆସିଅଛି । ଏହି ମୁକ୍ତି ମଣ୍ଡପ ବା ବ୍ରହ୍ମାଶନ ବା ଯଜ୍ଞବେଦୀର ନିର୍ମାଣ ଶୈଳୀ ମଧ ଅନ୍ୟାନ୍ୟ ବେଦୀ ବା ମଣ୍ଡପଠାରୁ ସମ୍ପୂର୍ଣ୍ଣ ଭିନ୍ନ ତଥା ସ୍ୱତନ୍ତ୍ର । କାରଣ, ଏହା ଉପରେ ୧୬ ଗୋଟି ସ୍ତମ୍ଭ ବିଦ୍ୟମାନ । ଯଜ୍ଞରେ ଯେପରି ୧୬ ଗୋଟି ସ୍ତମ୍ଭର ଆବଶ୍ୟକ ପଡ଼ିଥାଏ ଓ ଯଜ୍ଞର ପ୍ରାରମ୍ଭରେ ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା କରାଯାଇଥାଏ । ଠିକ୍ ସେହିପରି ଜଗନ୍ନାଥଙ୍କ ଦୈନନ୍ଦିନ ନୀତିକାନ୍ତି ଆରମ୍ଭ କରାଯିବା ପୂର୍ବରୁ ସୂର୍ଯ୍ୟ ପୂଜା ଓ କ୍ଷେତ୍ରପାଳ ପୂଜା କରାଯାଇଥାଏ ।

ଏହି ମୁକ୍ତି ମଣ୍ଡପ ଉପରେ ୧୬ ଶାସନର ଶ୍ରୋତୀୟ ବ୍ରାହ୍ମଣ ପଣ୍ଡିତ ମାନଙ୍କୁ (ବର୍ତମାନ ୨୪ ଶାସନ) ବସିବାର ବା ଉପବେଶନ କରିବାର ଅଧିକାର ମିଳିଛି । ତତ୍କାଳୀନ ରାଜାମାନେ (ସତ୍ୱଲିପି ଲିଖନ ପୂର୍ବରୁ), ମୁକ୍ତିମଣ୍ଡପରେ ୧୬ ଶାସନର ବ୍ରାହ୍ମଣ ମାନଙ୍କୁ ବସିବାପାଇଁ ଯେଉଁ ନିଷ୍ପତି ଗ୍ରହଣ କରିଥିଲେ, ତାହା ହୁଏତ ଯଜ୍ଞବେଦୀର ୧୬ ସ୍ତମ୍ଭ, ୧୬ଷ ଉପଚାର ପୂଜା ଓ ସ୍ୱୟଂ ଶ୍ରୀବିଗ୍ରହ ୧୬ କଳାରେ ପରିପୂର୍ଣ୍ଣ ଥିବା ଯୋଗୁଁ ନିର୍ଣ୍ଣୀତ ହୋଇଥିବା ଅନୁମେୟ । ଏହି ମଣ୍ଡପର ପ୍ରାଧାନ୍ୟତା ମଧ ଶ୍ରୀ ମହାପ୍ରସାଦର ଅନ୍ୟ ଏକ ବିଶେଷତ୍ୱ ବହନ କରିଥିବା ପରିଲକ୍ଷିତ ହୁଏ, ଯଥା – ଶ୍ରୀ ଜଗନ୍ନାଥଙ୍କର ସକାଳ ଧୂପ ଓ ମଧ୍ୟାହ୍ନ ଧୂପର ଥାଳିରେ ବଢ଼ା ଯାଇଥିବା ଅନ୍ନ ପ୍ରସାଦ, ମା ବିମଳାଙ୍କୁ ସମର୍ପଣ ହେବାପରେ, ମୁକ୍ତି ମଣ୍ଡପରେ ଥିବା ମା' କାଳୀଙ୍କୁ ସମର୍ପଣ କରାଯାଇ ଉପସ୍ଥିତ ଶାସନୀ ବ୍ରାହ୍ମଣ ପଣ୍ଡିତମାନଙ୍କୁ ମନ୍ଦିର ପ୍ରଧାନୀଙ୍କ ଦ୍ୱାରା ବିତରଣ କରାଯାଇ ତାଙ୍କ ମାଧମରେ ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କୁ ପ୍ରତ୍ୟେକ ଆଶୀର୍ବାଦ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଜାତି ଧର୍ମ ନିର୍ବିଶେଷରେ ସଂସାରରେ ବସବାସ କରୁଥିବା ସମସ୍ତ ଜନ ସାଧାରଣ ତଥା ବିଶ୍ୱ କଲ୍ୟାଣ ନିମନ୍ତେ ଆଶୀର୍ବାଦ ପ୍ରଦାନ କରାଯାଇଥାଏ । ପୂର୍ବରୁ ଗଜପତି ଶାସନ ସମୟରେ ଏହି ମଣ୍ଡପର ପଣ୍ଡିତମାନେ ଶ୍ରୀଜୀଉଙ୍କ ନୀତିକାନ୍ତି ଚଳାଇ ଆସୁଥିଲେ । ଏହାପରେ ପୂଜାପଣ୍ଡାମାନେ ନୀତିକାନ୍ତି ଚଳାଇଲେ । ପୂଜାପଣ୍ଡାମାନେ ପୂଜାରେ ସମ୍ପୃକ୍ତ ହେବା ପୂର୍ବରୁ ପୂଜାର ସମସ୍ତ ପରମ୍ପରାକୁ ମଣ୍ଡପରେ ବ୍ରାହ୍ମଣମାନଙ୍କୁ ଜଣାଇ ସ୍ୱୀକୃତି ଲାଭ କରୁଥିବାର ପ୍ରଥା ଅଷ୍ଟମ ଶତାବ୍ଦୀ ଠାରୁ ପ୍ରଚଳିତ ହୋଇ ଆସୁଥିଲା କାରଣ ଶ୍ରୀ ଜଗନ୍ନାଥ ବାହ୍ୟ ଶତ୍ରୁଙ୍କ ଆକ୍ରମଣ ଯୋଗୁଁ ତତ୍କାଳୀନ ମୁକ୍ତିମଣ୍ଡପର ପଣ୍ଡିତମାନଙ୍କ ନିର୍ଣ୍ଣୟାନୁସାରେ ସେବକ ମାନଙ୍କ ଦ୍ୱାରା ୧୪୪ ବର୍ଷ ପାତାଳୀ ହୋଇ ରହିଥିଲେ । (କ୍ରମଶଃ)




## ଅଭୁଲା ପ୍ରୀତିର ଚିହ୍ନ....

ଅଶୋକ କୁମାର ପ୍ରଧାନ

ଯେଉଁ ଦିନ ମୋର ଜୀବନ ପଥରେ
ଆସିଥିଲ ତୁମେ ପ୍ରିୟା
ତୁମେ ଥିଲ ମୋର ପ୍ରଥମ ପ୍ରେମର
ପହିଲି ବସନ୍ତ ଛୁଆଁ।

ତୁମରି ଛୁଆଁରେ ଶିହରିତ ମନ
ଖୋଜିଲା ତୁମର ସ୍ପର୍ଶ
କହେ କାନେ ତୁମେ ଯିବ ନାହିଁ ଚାଲି
ଦେଇ ମୋ ମୁଖରେ ବିଷ।

ମନ ମୌସୁମୀ ସାଜିଛ ମୋ ପାଇଁ
ଢାଳିବାକୁ ପ୍ରେମ ଧାର
କହିଛ ସେ ଦିନ ଯିବି ନାହିଁ ଡେଇଁ
ପ୍ରେମର ଲକ୍ଷ୍ମଣ ଗାର।

ମାୟା ମରିଚୀକା ବିବସ କରିଲେ
କହିବ ଗୋ ମୁହଁ ଖୋଲି
ଅବେଳରେ କେବେ
ଏକା କରି ମୋତେ
ଯିବ ନାହିଁ ପାଶୁ ଚାଲି।

ତୁମେ ମୋର ପରା ସରସୀ କୁମୁଦ
ମୁଁ ତୁମ ଶରଦ ଜହ୍ନ
ତୁମରି ଆଗମେ ଏଇମୋ ହୃଦୟେ
ଖେଳେ ପ୍ରେମଭରା ଚିହ୍ନ।

ତୁମରି ବିଚ୍ଛେଦ ହେବ ନାହିଁ ସହି
ଅଲିଭା ସେ ଅନୁଭବ
ତୁମେ ମୋ ପ୍ରେମର ଆକାଶ ବକ୍ଷରେ
ଉତ୍ତର ଦକ୍ଷିଣ ପଶ୍ଚିମ ପୂର୍ବ।

ଚତୁର୍ଦ୍ଦିଗ ସାଜି ରହିଛ ରହିବ
ମନ ଦିଗ୍‌ବଳୟେ ମୋର
ନାହିଁ ଯେଉଁଠାରେ ଅହମିକା ହିଂସା
ନିଜ ପର ମୋର ତୋର।

ଅମ୍ଳାନ ଏପ୍ରେମ ଶାଶ୍ୱତ ହୋଇବ
ଜୀବନରେ ପରା ଆମ
ତୁମ ପାଶେ ଥିଲେ ଏ ମର୍ତ୍ତ୍ୟ ଲାଗଇ
ଦେବାଶିଷ ସ୍ୱର୍ଗଧାମ।

+ଶିକ୍ଷକ,ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

## ପରିବା ବାଲା ....

ପ୍ରକାଶ କୁମାର ଚାନ୍ଦ

ପରିବା ବାଲା ମୁଣ୍ଡେଇ ଡାଲା
ଗାଁକୁ ଆଇଚି ଆଜି
ଜହ୍ନି କଖାରୁ ପୋଟଳ ସାରୁ
ସବୁ ରଖିଛି ଖଞ୍ଜି ।

ନିକିତି ଧରି ଓଜନ କରି
ହସି ହସିକା ଦିଏ
ବାଛି ବାଛିକା ପନିପରିବା
ମାଗିଲା ଯାହା ଯିଏ ।

ଟମାଟୋ ଲାଉ କଲରା ଓଉ
ଶାଗ ଯେ ମଦରଙ୍ଗା
ପିଲାଙ୍କ ପାଇଁ ଆସିଛି ଆଣି
କେତେ ଯେ କରମଙ୍ଗା ।

ହସି ହସିକା ବେପାର କରେ
ଦର ନିଏନି ବେଶୀ
ସେଇଥିପାଇଁ ଭିଡ ଜମଇ
ଡାକ ଛାଡିଲେ ଆସି ।

ପରିବା ବିକି ଚଳାଏ ଘର
ଚାରୋଟି ସିଏ ପ୍ରାଣୀ
ବୟସ ତାକୁ ଛୁଇଁଚି ଅଶୀ
ହୁଏନା ଜମା ଜାଣି ।

ଗାଆଁରେ ଯିଏ ଯାହା ତ ଦେଲା
ଖୁସିରେ ସିଏ ଖାଏ
କାଲି ଅନ୍ଧାରୁ ଆସଇ ସିଏ
ବେଳ ବୁଡିଲେ ଯାଏ ।

+ଜୟପୁର ଶାସନ ପିପିଲି ପୁରୀ
ମୋ-୯୮୫୩୩୫୪୯୩୮

## ବିଦାୟୀ ବସନ୍ତ...

ନିରଂଜନ ସାହୁ

ମୋ ଆଖିରୁ ନିଦ ଭରିଗଲା ପରେ
ସ୍ୱପ୍ନେ ଯେବେ ଆସ ତୁମେ
ମୋତେ ଲାଗୁଥାଏ ବସନ୍ତ ବସନ୍ତ
ଭ୍ରମର ଫୁଲକୁ ଚୁମେ।

କେତେକେତେ ମିଠା କଥା ଗପିଯାଅ
ପ୍ରଗଲଭା ପରାୟ ହୋଇ
ଅଭିମାନେ ପୁଣି ଦେଖାଅ ଗୋ ତୁମେ
ତୁମର ପୁରୁଣା ଖୋଇ
ଝୁମାଝୁମା ସେହି ଗୋଲାପି ବେଳାରେ
ତୁମ ପ୍ରଣୟର ଝୁମେ।

ତୁମ ସାନିଧ୍ୟରେ ଏତେ ମାଦକତା
ଏତେ ମିଠା ଭରା ତାତି
ଜଣାପଡ଼େ ନାହିଁ ସମୟଟା ମୋତେ
ପାହିଯାଏ ଧୀରେ ରାତି
ନିଦ ଭାଙ୍ଗିଗଲେ ତୁମେ ଫେରିଯାଅ
ଶିହରଣ ଭରି ଲୋମେ।

+ନିହଳପ୍ରସାଦ, ଗନ୍ଦିଆପାଟଣା
ଢେଙ୍କାନାଳ-୭୫୯୦୧୬
ମୋ:୯୯୩୮୭୪୦୫୮୩




## ମୁଁ ବି କୃଷକ

ରାମ ଚନ୍ଦ୍ର ପ୍ରଧାନ

ଆଜିକାଲି ଆଉ କୃଷକ ହେବାକୁ
ଇଚ୍ଛା କରନ୍ତିନି କେହି
କୃଷି ବିମୁଖତା ଏ ଯାନ୍ତ୍ରିକ ଯୁଗେ
ବାଟ ଓଗାଳୁଛି ରହି...
ତଥାପି ମୋ ମନେ ଏ ହୀନ ମନ୍ୟତା
ଆଜି ଯାଏଁ ଆସି ନାଇଁ
ସେଥିପାଇଁ ମୁହିଁ ପଣ କରିଅଛି
କୃଷକଟେ ହେବା ପାଇଁ...
କୃଷକଟେ ହୋଇ ଉତ୍ସର୍ଗୀ ମନରେ
କରିବି ମୁଁ ଅନ୍ନଦାନ
ନ ମିଳୁ ପଛକେ ପ୍ରୋତ୍ସାହନ ରାଶି
ଅବା କିଛି ଅନୁଦାନ...
ନୁଖୁରା ମାଟିରେ ପଳାଇବି ସୁନା
ମୁଣ୍ଡ ଝାଳ ତୁଣ୍ଡେ ମାରି
ଖରା ବରଷାକୁ ଖାତିରି ନ କରି
ବିଲେ ଯିବି ହଳ ଧରି...
ସଂସାର ଭୋକକୁ ମେଣ୍ଟାଇବା ପାଇଁ
ଖଟିବି ମୁଁ ପଶୁତୁଲ୍ୟ
ବୁଝୁ କି' ନ ବୁଝୁ ଏ ସଭ୍ୟ ସମାଜ
ମୋ ଶ୍ରମର ମହାମୂଲ୍ୟ... ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ :୯୮୬୧୬୩୮୭୩୬

# ଚାଲନ୍ତୁ ଯିବା ଦାରିଙ୍ଗବାଡି




ଇଂ. ବିଦ୍ୟାଧର ପଣ୍ଡା

ଏମ୍. ଟେକ୍. ସିଭିଲ, ଏଲ୍. ଏଲ୍. ବି.
ଖ-୧୭/୧୫, ଫଂଚଞ୍ଚସଖା ନଗର,
ଡୁମୁଡୁମା, ଭୁବନେଶ୍ୱର-୧୯
ଜି; ଖୋର୍ଦ୍ଧା, ଓଡ଼ିଶା,
ମୋ-୯୪୩୯୧୨୮୦୫୦


ଚାଲନ୍ତୁ ଯିବା ଦାରିଙ୍ଗବାଡି। ସେଠାକାର କଫି ବଗିଚ୍ଚରେ ବସି ଦୂର ଦିଗ୍‌ବଳୟରେ ଉପରକୁ ଚଢୁଥିବା ସୂର୍ଯ୍ୟନାରାୟଣଙ୍କ କଅଁଳ କିରଣର ମଜାନେଇ ପୁରୁଣା ବର୍ଷକୁ ମେଲାଣି ଦେବା ସହ ନୂଆ ବର୍ଷକୁ ସ୍ୱାଗତ କଲେ କେମିତି ହୁଅନ୍ତା ! ସେଠି ଗୋଟେ ଦିନ ରହି କୌଣସି ଏକ ଜଳପ୍ରପାତରେ ଭୋଜିକଲେ ନୂଆବର୍ଷର ଆରମ୍ଭ ଶୁଭ ହୁଅନ୍ତା। କନ୍ଧମାଳ ଜିଲ୍ଲାରେ ଅନେକ ଜଳପ୍ରପାତ। ଡ଼ିସେମ୍ବର ତା୧୫ରିଖ ରୁ ଜାନୁୟାରୀ ତା୨୬ରିଖ ପର୍ଯ୍ୟନ୍ତ ସମସ୍ତେ ପ୍ରାୟ ଭ୍ରମଣ, ମଉଜ ମଜଲିସ୍ ଏବଂ ବଣଭୋଜିରେ ବ୍ୟସ୍ତ ରହିବା କଥା କିନ୍ତୁ କରୋନା କଟକଣା ପାଇଁ ୨୦୨୦ ଏବଂ ୨୦୨୧ ମସିହା ସନ୍ଧିକ୍ଷଣ ସମୟରେ ଲୋକମାନଙ୍କର ମନ ଭଲ ନାହିଁ। ବଣଭୋଜି ପାଇଁ ଦରକାର ପାହାଡ଼ ତଳେ ଥିବା ଢ଼େଙ୍ଗାଢ଼େଙ୍ଗା ଗଛର ଘନଜଙ୍ଗଲ ଭିତରେ ଛାଇ ହୋଇଥିବା ସମତଳ ଜାଗା ଏବଂ ପାଖରେ ଝରଣା କିମ୍ବା ଜଳାଶୟଟିଏ ଥିଲେ ବାସନକୁସନନ ମଜାମଜି ଠାରୁ ଆରମ୍ଭ କରି ହାତମୁହଁ ଧୁଆଧୁଇ କାମ ଚଳେ। ପ୍ରକୃତିରାଣୀର ଆଶୀର୍ବାଦରୁ କନ୍ଧମାଳ ଜିଲ୍ଲାରେ ଏପରି ଅନେକ ଜାଗା ଅଛି। କିନ୍ତୁ କିଛି ବିଶେଷ ଜାଗାରେ ଘଂଚଜଙ୍ଗଲ ସାଙ୍ଗକୁ ଜଳପ୍ରପାତ ସୃଷ୍ଟିହୋଇ ପରିବେଶଟିକୁ ଏତେ ସୁନ୍ଦର କରିଦେଉଛି ଥରେ ସେଠାରେ ପହଁଚିଗଲେ ସହଜରେ ଛାଡ଼ି ଆସିବାକୁ ଇଛା ହେବନାହିଁ। ସବୁଠାରୁ ଭଲକଥା ହେଲା ଏଇ ମନୋରମ ଜଳପ୍ରପାତ କନ୍ଧମାଳ ଜିଲ୍ଲାର ମୁଖ୍ୟାଳୟ ଫୁଲବାଣୀ ସହରରୁ ୨୫କି.ମି. ଦୂରତାର ବ୍ୟାସର୍ଦ୍ଧ ଭିତରେ ଅବସ୍ଥିତ। କନ୍ଧମାଳ ଜିଲ୍ଲାର ମୁଖ୍ୟ ସହର ଫୁଲବାଣୀକୁ ଆସିବାକୁ ହେଲେ କେବଳ ବସ୍ କିମ୍ବା ଟ୍ୟାକ୍ସିର ସାହାଯ୍ୟରେ ରାସ୍ତାଦେଇ ଆସି ବାକୁ ହୁଏ। କାରଣ ଏଠାକୁ କୌଣସି ରେଳ ଚଳାଚଳର ବନ୍ଦୋବସ୍ତ ଏପର୍ଯ୍ୟନ୍ତ ହୋଇ ପାରିନାହିଁ। କଟକ, ଭୁବନେଶ୍ୱର ଏବଂ ବରହ୍ମପୁର ସହ କନ୍ଧମାଳ ଜିଲ୍ଲାର ମୁଖ୍ୟାଳୟ ଫୁଲବାଣୀଟି ହାଇଟେକ୍ ବସ୍ ଓ ରାତ୍ରିସେବା ବସ୍ ଦ୍ୱାରା ସୁସଂଯୋଜିତ। ପ୍ରଥମେ ଦାରିଙ୍ଗବାଡି ଭ୍ରମଣ ସାରି ଦ୍ୱିତୀୟ ଦିନରେ କୌଣସି ଏକ ଜଳପ୍ରପାତ ପାଖରେ ବଣଭୋଜି କରି ଉପଭୋଗ କଲେ ଜୀବନସାରା ଦିନଟିର ନିଆରା ସ୍ମୃତି ଆଦୌ ଭୁଲିହେବନି।

ଏମିତି ଏକ ଜଳପ୍ରପାତର ନାଁ ହେଲା ପୁତୁଡ଼ି। ଫୁଲବାଣୀ ସହରରୁ ପ୍ରାୟ ୧୫ କି. ମି.



ଦୂରରେ। କନ୍ଧମାଳ ଜିଲ୍ଲାର ମୁଖ୍ୟ ସହର ଫୁଲବାଣୀରୁ ୭ କି. ମି. ଗୋଛାପଡ଼ା ରୋଡ଼ରେ ଗଲେ ପଡ଼େ ତୁଡ଼ିପାଜୁ ଗାଁ। ସେଇ ଗାଁ ପାଖରୁ ଡ଼ାହାଣ ପଟକୁ ଅଣଓସାରିଆ ପଥୁରିଆ ପାହାଡ଼ ଭିତର ରାସ୍ତାରେ ୮ କି. ମି. ଗଲେ ପଡ଼ିବ ପୁତୁଡ଼ି ଜଳପ୍ରପାତ - ବଣଭୋଜି ପାଇଁ ଗୋଟିଏ ଉତ୍କୃଷ୍ଟ ଯାଗା। ପୁତୁଡ଼ି ଜଳପ୍ରପାତର ୫୦ମିଟର ପର୍ଯ୍ୟନ୍ତ ? ରିଚକିଆ ଯାନ ବି ଯାଉଛି। ଫୁଲବାଣୀ ବସଷ୍ଟାଣ୍ଡରୁ ୧୫ କି.ମି. ଅନ୍ତରରେ ଏତେ ସୁନ୍ଦର ଜାଗାଟିଏ ଥିବାରୁ ଏବେଠାରୁ ଭ୍ରମଣକାରି ଓ ବଣଭୋଜି ପାଇଁ ଜନଗହଳି ଆରମ୍ଭ ହୋଇ ଗଲାଣି। ବିରାଟ ପାହାଡ଼ ପାଦଦେଶରେ ପୁତୁଡ଼ି ଜଳପ୍ରପାତଟି ସାଲୁଙ୍କି ନଦୀ ଶଯ୍ୟାର ଗୋଟିଏ ଅଂଶ ବିଶେଷ। କଳା ମଚମଚ ଗ୍ରାନାଇଟ ପଥର ଶଯ୍ୟାଉପରେ ପ୍ରାୟ ୨୫ଫୁଟ ତଳକୁ ଜଳରାଶି ପତିତ ହୋଇ ସୁନ୍ଦର ମନୋରମ ପରିବେଶ ସୃଷ୍ଟି କରୁଛି। ଘଂଚ ଜଙ୍ଗଲ ଭିତରର ଜଳବାୟୁ ବହୁତ ଅନୋଖା ଏବଂ ସ୍ୱଛତା ହିସାବରେ ବି ଜାଗାଟି ସରାହନୀୟ। ପ୍ରକୃତିରାଣୀର କମନୀୟ ସୁଢ଼ଳ ଶୋଭା ସହ ବଣଭୋଜି ପାଇଁ ଜାଗାଟି ଉତ୍କୃଷ୍ଟ।

ଅନ୍ୟଟି ର ନାଁ ହେଲା ପକଡ଼ାଝର। ଫୁଲବାଣୀ ସହରରୁ ପ୍ରାୟ ୨୧ କି. ମି. ଦୂରରେ। କନ୍ଧମାଳ ଜିଲ୍ଲାର ମୁଖ୍ୟ ସହର ଫୁଲବାଣୀରୁ ୧୯ କି. ମି. ଜାତୀୟ ରାଜପଥ ନଂ ୧୫୭ ଦେଇ ? ରିଛକ ରୋଡ଼ରେ ଗଲେ ସୁଡୁଗୁମ୍ପା ପରେ ପଡ଼େ ପାଣିସାର ଗାଁ। ସେଇ ଗାଁ ପାଖରୁ ବାମ ପଟକୁ ଅଣଓସାରିଆ ପଥୁରିଆ ପାହାଡ଼ ଭିତର ରାସ୍ତାରେ ୨ କି. ମି. ଗଲେ ପଡ଼ିବ ପକଡ଼ାଝର ଜଳପ୍ରପାତ - ବଣଭୋଜି ପାଇଁ ପ୍ରସିଦ୍ଧ ଜାଗା। ଜଳପ୍ରପାତର ୧୦୦ମିଟର ପର୍ଯ୍ୟନ୍ତ ? ରିଚକିଆ ଯାନ ବି ଯାଉଛି। ଜଳପ୍ରପାତକୁ ପହଞ୍ଚିବାକୁ ହେଲେ ପାଖାପାଖି ୧୫୦ପାହାଚ ଓହ୍ଲାଇ ତଳକୁ ଆସିବାକୁ ହେବ। ପାହାଡ଼ରୁ ଜଳରାଶି ଏକତ୍ର ହୋଇ ଗୋଟିଏ ଜାଗାରେ ପ୍ରାୟ ୫୦ଫୁଟ ତଳକୁ ପଡୁଛି। ଏତଦ୍ୱାରା ୬୦୦ ବର୍ଗ ଫୁଟର ଗଭୀର ଜଳାଶୟ ତିଆରି ହୋଇଛି। କିନ୍ତୁ ଏହି ଜଳାଶୟର ପାଣି ଏତେ ଥଣ୍ଡା ଯେ ସେଥିରେ ସନ୍ତରଣ ସମ୍ଭବ ହେବନି। ବଣଭୋଜିପାଇଁ ଉପଯୋଗ କରିହେବ। କଳା ଗ୍ରାନାଇଟ ପଥର ଆବଡ଼ା ଖାବଡ଼ା ଶଯ୍ୟା ଉପରେ ପାହାଡ଼ ପାଦଦେଶରେ ତଳକୁ ତଳ ଜଳରାଶି ବୋହିଯାଇ ପରିବେଶଟିକୁ ସୁନ୍ଦର କରୁଛି। ଘଂଚଜଙ୍ଗଲ ଭିତରେ ଦିନ ଦ୍ୱିପ୍ରହର ବେଳା ବି ସୂର୍ଯ୍ୟଙ୍କର ପ୍ରଭାବ ଅନୁଭୁତ ହୁଏନି। ଅମାବାସ୍ୟା ପରି ଅନ୍ଧାର କରିବା ପାଇଁ ବୃକ୍ଷଲତା ଗୁଡ଼ିକ ପରସ୍ପର ଭିତରେ ଛନ୍ଦି ହୋଇଯାଇଛନ୍ତି। ପ୍ରକୃତିରାଣୀର ସବୁଜ ଓଢ଼ଣୀ ଭିତରେ ଶୀତରୁତୁର ଅନୋଖା ଜଳବାୟୁ ଜାଗାଟକୁ ବଣଭୋଜି ପାଇଁ ସୃଷ୍ଟି ହେବା ପରିଲାଗେ। ଫୁଲବାଣୀ ସହର ନିକଟସ୍ଥ ଅନ୍ୟଏକ ସୁନ୍ଦର ଜଳପ୍ରପାତଟି ର ନାଁ ହେଲା ଉର୍ମାଗଡ଼। ବହୁବର୍ଷ ତଳେ ଉର୍ମା ବୋଲି ଝିଅଟିଏ ପାଖ ଗାଁରୁ ତା'ର ସାଙ୍ଗ ମାନଙ୍କ ସହ ଜଳପ୍ରପାତର ଜଳାଶୟରେ ମାଛ ମାରିବାକୁ ଆସି ଆଉ ଘରକୁ ଫେରିନଥିଲା। ଆଖପାଖର ଜନଜାତୀର ଲୋକେ ଖୋଜିଖୋଜି ନପାଇବାରୁ ସିଏ ଗୋଟିଏ ଦେବୀ ଥିଲା ଏବଂ ସେଠାରେ ଉଭାନ ହୋଇଗଲା ବୋଲି ବିଶ୍ୱାସ କରି ତାରି ନାଁ ରେ ଜଳପ୍ରପାତଟିର ନାମକରଣ ଉର୍ମାଗଡ଼ କାରାଯାଇଛି ବୋଲି ଜନଶୃତି ଅଛି। ଫୁଲବାଣୀରୁ ୧୬ କି. ମି. ଗୋଛାପଡ଼ା ରାଜ୍ୟରାସ୍ତା ଦେଇ ଗଲେ ପଡ଼େ କଟ୍ରାଂଗିଆ ଛକ। ସେଇ ଛକରୁ ବାମ ପଟକୁ ମାଟିଜଙ୍ଗଲ ଭିତର ରାସ୍ତାରେ ୯ କି. ମି. ଗଲେ ପଡ଼ିବ ଉର୍ମାଗଡ଼ ଜଳପ୍ରପାତ - ବଣଭୋଜି ପାଇଁ ଜିଲ୍ଲା ପସିଦ୍ଧ ଜାଗା। ଜଳପ୍ରପାତର ପୁରା ନିକଟକୁ ? ରିଚକିଆ ଯାନ ଯାଇପାରେ। ପାହାଡ଼ର ଜଳରାଶି ଏକତ୍ର ହୋଇ ଗୋଟିଏ ଜଳାଶୟ ସୃଷ୍ଟି ହୋଇଛି। ତାପରେ ସେଇ ଠାରୁ ଧିରେଧିରେ ପ୍ରାୟ ୧୦୦ଫୁଟ ତଳକୁ କଳାମୁଗୁନି ପଥର ଶଯ୍ୟା ଦେଇ ବହି ଯାଉଛି। ୪୦୦ବର୍ଗ ଫୁଟର ଗଭୀର ଜଳାଶୟ ର ଚତୁର୍ପାର୍ଶ୍ୱରେ ଥିବା କଳା ଗ୍ରାନାଇଟର ବଡ଼ବଡ଼ ପଥର ଗୁଡ଼ା ପରିବେଶଟିକୁ ଅତ୍ୟନ୍ତ ମନୋରମ କରି ଦେଉଛି। ପାହାଡ଼ ପାଦଦେଶର ପରିବେଶଟିକୁ ଘଂଚଜଙ୍ଗଲ ଏବଂ ଜଳରାଶିର ଅନବରତ ସ୍ରୋତ ବହୁତ ସୁନ୍ଦର କରୁଛି। ପ୍ରଶସ୍ତ ସମତଳ ଜାଗା ଏବଂ ସ୍ୱଛ ଝରଣା ପାଣିର ଦୃଶ୍ୟ ବହୁ ପର୍ଯ୍ୟଟକଙ୍କୁ ବଣଭୋଜି ପାଇଁ ଆକୃଷ୍ଟ କରିବାରେ ସମର୍ଥ ହେଉଛି। ସାଧାରଣତଃ କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ଜାଗା ଶୀତ ଦିନେ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥାଏ। ଘଂଚଜଙ୍ଗଲର ସୁନ୍ଦର ମନୋରମ ପରିବେଶ ସହ ବିଶୁଦ୍ଧ ଜଳବାୟୁ ବହୁତ ଅନୋଖା ଏବଂ ସ୍ୱଛତା ହିସାବରେ ପ୍ରତ୍ୟେକ ଜାଗା ସରାହନୀୟ। ପ୍ରକୃତିରାଣୀର କମନୀୟ ସୁଢ଼ଳ ଶୋଭା ସହ ବଣଭୋଜି ପାଇଁ ଜାଗା ଗୁଡ଼ିକ ବହୁତ ଆମୋଦ ଦାୟକ। କନ୍ଧମାଳ ଯାଉଛନ୍ତି ତ ଫେରିଲାବେଳକୁ ବ୍ରୋକଲି (ସବୁଜରଙ୍ଗର ଫୁଲକୋବି) ଏବଂ ହଳଦି ଆଣିବାକୁ ମୋଟରୁ ଭୁଲିବେନି।

# ଦାନ୍ତମାଢ଼ିରୁ ରକ୍ତସ୍ରାବ



**ଦାନ୍ତମାଢ଼ିରୁ ରକ୍ତସ୍ରାବ ହାଲୁକା ଭାବେ ନେବା ଉଚିତ ନୁହେଁ । ପ୍ରାୟ ୬୦% ଲୋକ କେବେ ନା କେବେ ଏହି ସମସ୍ୟାରେ ପଡ଼ିଥାନ୍ତି । ପ୍ରତି ୩ଜଣଙ୍କ ମଧ୍ୟରୁ ଜଣେ ଏହି ସମସ୍ୟାକୁ ଖୁବ୍ ସାଧାରଣ ବୋଲି ଧରିନେଇଥାନ୍ତି । ଏଭଳି ସମସ୍ୟା ଉପୁଜିଲେ ଡେରି ନ କରି ଡାକ୍ତରୀ ପରାମର୍ଶ ନିଅନ୍ତୁ ।**

ଦାନ୍ତର ଯତ୍ନ ନେବାକୁ ଆମେ ଯେତେ ଗୁରୁତ୍ୱ ଦେଇଥାଉ, ଦାନ୍ତମାଢ଼ିରୁ ସାଧାରଣତଃ ସେତେଟା ଗୁରୁତ୍ୱ ଦେଇନଥାଉ । ଦନ୍ତାମାଢ଼ିରୁ ରକ୍ତସ୍ରାବ ହେବା ବା ବ୍ଲିଡିଙ୍ଗ ଗମ ଦେଖା ଦେଲେ ଏହା କେବଳ ଯେ ଦାନ୍ତମାଢ଼ି ରୋଗର ଲକ୍ଷଣ ବୋଲି ବୁଝାଯିବ ତା' ନୁହେଁ । ବରଂ ଏହା ଅନେକ ରୋଗର ସୂଚନା ଦେଇଥାଏ । ଏହା ସହ ଅନେକ ସମସ୍ୟା ଯଥା ପାଟି ଦୁର୍ଗନ୍ଧ, ଦାନ୍ତମାଢ଼ିଫୁଲା, ଦାନ୍ତ ହଲିବା, ପୀଡ଼ା ଆଦି ସମସ୍ୟା ଉପୁଜିଥାଏ । ଦାନ୍ତମାଢ଼ିରୁ ରକ୍ତ୍ରାବ ହେବାକୁ ହାଲୁକା ଭାବେ ନେବା ଉଚିତ ନୁହେଁ । ପ୍ରାୟ ୬୦% ଲୋକ କେବେ ନା କେବେ ଏହି ସମସ୍ୟାରେପଡ଼ିଥାନ୍ତି । ପ୍ରତି ୩ଜଣଙ୍କ ମଧ୍ୟରୁ ଜଣେ ଏହି ସମସ୍ୟାକୁ ସାଧାରଣ ଭାବେ ଗ୍ରହଣ କରିନିଅନ୍ତି ।

ସାଧାରଣତଃ ଦାନ୍ତମାଢ଼ି କନେକ୍ଟିଭ୍ ଟିସୁ ବା ସଂଯୋଗୀକରଣ ତନ୍ତୁ ଦ୍ୱାରା ସଂଘଠିତ ହୋଇଥାଏ । ଯେଉଁଠାରେ ପର୍ଯ୍ୟାପ୍ତ ମାତ୍ରାରେ ସୂକ୍ଷ୍ମ ରକ୍ତବାହୀ ନଳୀକା ସବୁ ସନ୍ନିବେଶିତ ହୋଇ ରହିଥାଆନ୍ତି । ଦୈନନ୍ଦିନ କାର୍ଯ୍ୟ ସମୟରେ ଏହା ବିଭିନ୍ନ କାରଣରୁ ଆଘାତପ୍ରାପ୍ତ ହୋଇଥାନ୍ତି । ଏବଂ ଏହା ଫାଟିଯାଇ ରକ୍ତସ୍ରାବ ହୋଇଥାଏ । ଯଥା- ବ୍ରସ୍ ଜୋରରେ ଘଷିବା, ଅତ୍ୟଧିକ ଗରମ ଜାତୀୟ ତରଳ ଖାଦ୍ୟ ଖାଇବା ଓ ଅନେକ ପ୍ରକାରର ସଂକ୍ରମଣ ଦ୍ୱାରା ଏହା ଆକ୍ରାନ୍ତ ହୋଇଥାଏ ତଥା ରକ୍ତସ୍ରାବ ଘଟିଥାଏ ।

ମୁଖ ଗହ୍ୱରର ଉପଯୁକ୍ତ ଯତ୍ନ ନ ନେବା ଦ୍ୱାରା, ରକ୍ତହୀନତା ବା ଆନିମିଆ, ରକ୍ତକର୍କଟ, ସିଷ୍ଟମିକ୍ ଲୁପସ ଏରିଦିମାଟସ୍ ଇତ୍ୟାଦି ରୋଗ କାରଣରୁ, କିଛି ନିର୍ଦ୍ଧିଷ୍ଟ ପ୍ରାକରର ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ, ହିମୋଫିଲିଆ, ଡାଇବେଟିସ୍, ଲିଭର ରୋଗ, ଜିଞ୍ଜିଭାଇଟିସ୍, ପେରିଓଡୋଂଟାଇଟିସ୍ ଆଦି ବିଭିନ୍ନ ରୋଗ ଯୋଗୁଁ, ଭିଟାମିନ୍ ବି -୧୨ତଥା ଫଲିକ୍ ଏସିଡ୍ ଅଭାବରୁ ଦେଖା ଯାଉଥିବା ପ୍ଲେଟଲେଟର ଅଳ୍ପତା ଯୋଗୁଁ, ଭିଟାମିନ-କେ ର ଅଭାବ ଯୋଗୁଁ, ଗର୍ଭାବସ୍ଥା ବେଳେ ଘଟୁଥିବା ହରମୋନ ପରିବର୍ତ୍ତନ ଯୋଗୁଁ, ଡାଉନ ସିଣ୍ଡୋମ ଭଳି ରୋଗ ଇତ୍ୟାଦି କାରଣରୁ ଦାନ୍ତମାଢ଼ିରୁ ରକ୍ତସ୍ରାବ ହୁଏ ।

କାରଣ ଅନୁଯାୟୀ ଏହାର ଚିକିତ୍ସା ନିର୍ଦ୍ଧାରଣ କରାଯାଇଥାଏ । ଯଦି ଦାନ୍ତମାଢ଼ିରୁ ରକ୍ତ ବାହାରୁଛି, ତେବେ ବିଳମ୍ବ ନ କରି ତୁରନ୍ତ ଜଣେ ଅଭିଜ୍ଞ ଦନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ମୁଖଗହ୍ୱରରର ଉପଯୁକ୍ତ ଯତ୍ନ ନେବା ବା ସଠିକ୍ ଓରାଲ ହାଇଜିନ୍ ପାଳନ କରିବା ଅତ୍ୟନ୍ତ ଆବଶ୍ୟକ । ଭଲ ଭାବେ ଦିନକୁ ୨ଥର ବ୍ରସ୍ କରିବା ଆବଶ୍ୟକ । ଧୂମପାନ ବର୍ଜନ କରିବା ଉଚିତ । ଦାନ୍ତ ସନ୍ଧିରୁ ଖାଦ୍ୟ ଅଂଶ କାଢ଼ିବା ପାଇଁ ଡେଟାଲ ଫ୍ଲସ୍ ବ୍ୟବହାର କରନ୍ତୁ । କୁଟା କାଠି, ଗୁଟଖା ଜରି, ଟୁଥ ପିକ୍, କଲମର ମୁନ, ପିନ୍ କଂଟା, ଛୁଞ୍ଚ ଆଦି ବ୍ୟବହାର କରନ୍ତୁ ନାହିଁ ।

# କେଶରେ ଚମକ ଆଣିବ 'ବ୍ଲାକ୍ ଟି'

ରୁକ୍ଷ ଏବଂ ମଳିନ ଦେଖାଯାଉଥିବା କେଶରେ ପୁଣି ଚମକିବ । ସେଥିପାଇଁ ସାଲୁନକୁ ବାରମ୍ବାର ଯାଇ ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ । ଘରୋଇ ଭାବେ କେଶ ପାଇଁ ଆପଣାନ୍ତୁ ବ୍ଲାକ୍ ଟି । ପ୍ରଥମେ ଏକ କପ୍ ବ୍ଲାକ ଟି ବିନା ଚିନିରେ ପ୍ରସ୍ତୁତ କରି ଥଣ୍ଡା କରନ୍ତୁ । କେଶକୁ ନଖଉଷୁମ ପାଣିରେ ଧୋଇ ଦିଅନ୍ତୁ । ତାହାପରେ ବ୍ଲାକ ଟିକୁ କେଶରେ ଲଗାଇ ସେହିଭଳି ତାକୁ ୫ରୁ୧୦ମିନିଟ ଛାଡ଼ି ଦିଅନ୍ତୁ । ତାପରେ ପୁଣି ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଅଧ ଚାମଚ ହେନା ପାଉଡର ଏବଂ କଫି, ୨ରୁ ୩ଚାମଚ ବ୍ଲାକ ଟି ନେଇ ତାହାକୁ ଭଲ ଭାବରେ ପେଷ୍ଟ କରିଦିଅନ୍ତୁ । ଉକ୍ତ ପେଷ୍ଟକୁ ଖପୁରୀ ଏବଂ କେଶର ଶେଷ ଭାଗରେ ଭଲଭାବରେ ଲଗାନ୍ତୁ । ସେଭଳି ଅବସ୍ଥାରେ ୩୦ମିନିଟ୍ ଝାଡ଼ିଦିଅନ୍ତୁ । ତାପରେ ସାମ୍ପୁ କରିଦିଅନ୍ତୁ ।



# ଉଲ୍ଲର ସହର











ଶୀର୍ଷକଟି ପଢ଼ିଲେ କିଛି ପାଠକଙ୍କୁ ହାସ୍ୟସ୍ପଦ ଲାଗିପାରେ । ଏମିତି ଏକ ସହର ଅଛି ବୋଲି ଆଉ କିଛି ପାଠକ ବିଶ୍ୱାସ ମଧ କରି ନପାରନ୍ତି । ପ୍ରକୃତ କଥା ହେଲା ଏମିତି ଏକ ସହର ଅଛି । ହେଲେ ତା ଅସଲି ସହର ନୁହେଁ । ଏକ ଆଧୁନିକ ସହରର ମିନିଏଚର କପି ବା ଅତି କ୍ଷୁଦ୍ର ରୂପ । ଆଉ ଏହି ସହରଟି ସଂପୂର୍ଣ୍ଣ ଭାବେ ଉଲରେ ତିଆରି ହୋଇଛି । ଏହାକୁ ତିଆରି କରିଛନ୍ତି ୩୦ରୁ ଅଧିକ ବୃଦ୍ଧା ଏହି ମିନିଏଚର ଉଲେନ୍ ସହରଟିକୁ ସଂପୂର୍ଣ୍ଣ କରିବା ପାଇଁ ସେମାନଙ୍କୁ ସାତ ମାସରୁ ଅଧିକ ସମୟ ଲାଗିଥିଲା । ଆୟାର୍ଲ୍ୟାଣ୍ଡର କ୍ଲେମିଲ୍ସ ନାମକ ଏକ ଛୋଟ ଗାଁର ଅଭ୍ୟର୍ଥନା ଗୃହ ମଧ୍ୟରେ ଶୋଭା ପାଉଛି ଏହି ମିନିଏଚର ଉଲେନ ସିଟି । ଏହାକୁ ତିଆରି କରିଥିବା ବୃଦ୍ଧାମାନେ କ୍ଲୋମିଲ୍ସ କ୍ରୋଶେବ୍ବ୍ ନାମକ ଏକ ଗୋଷ୍ଠୀ ଗଠନ କରି ଉଲରେ ବିଭିନ୍ନ ଆକର୍ଷଣୀୟ ମଡେଲ ପ୍ରସ୍ତୁତ କରୁଛନ୍ତି । ସେମାନଙ୍କର ଏହି ମଡେଲ ସିଟି ବିଷୟରେ ପ୍ରଥମେ ସ୍ଥାନୀୟ ସମ୍ବାଦପତ୍ରରେ ପ୍ରକାଶ ପାଇବା ପରେ ଏବେ ସାରା ବିଶ୍ୱର ଲୋକେ ବୟସରେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଥିବା ଏହି ମହିଳାମାନଙ୍କ ବିଷୟରେ ଜାଣିବାର ସୁଯୋଗ ପାଇଛନ୍ତି । ଜୀବନର ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥିବା ଏହି ମହିଳାମାନେ ଯେମିତି ନିଜକୁ ନିଃସଙ୍ଗ ବା ଅସହାୟ ମନେ ନ କରନ୍ତି ସେହି ଉଦ୍ଦେଶ୍ୟରେ ଗଠନ ହୋଇଥିଲା ଏହି ଗୋଷ୍ଠୀ । ଏବେ ଏହି ମହିଳାମାନେ ଅନେକ ସୁନ୍ଦର ଉଲେନ୍ ମଡେଲ ପ୍ରସ୍ତୁତ କରିପାରୁଛନ୍ତି । ନିଜ ମଧ୍ୟରେ ଆଳାପ କରୁକରୁ ସେମାନଙ୍କର ନିଃସଙ୍ଗତା ମଧ କଟିଯାଉଛି ।

# କାଗଜ ପକ୍ଷୀ





ଏହି ଫଟୋଗୁଡ଼ିକୁ ଦେଖନ୍ତୁ । ରଙ୍ଗ ବେରଙ୍ଗୀ ଅନେକ ପକ୍ଷୀ ନଜର ଆସୁଛନ୍ତି । ତେବେ ଏଗୁଡ଼ିକ ମଧ୍ୟରୁ ଗୋଟିଏ ବି ଅସଲି ନୁହନ୍ତି । ଏସବୁ କାଗଜରେ ତିଆରି ହୋଇଛି । ଏହି କାଗଜ ପକ୍ଷୀଗୁଡ଼ିକୁ ତିଆରି କରିଛନ୍ତି ଡାଏନା ବେଲଟ୍ରାନ ନାମକ କଲମ୍ବିଆର ଜଣେ କଳାକାର । ଟିକେ ଭଲ କରି ଦେଖନ୍ତୁ । ଫଟୋ ଗୁଡ଼ିକ ଭଲ ଲାଗୁନାହିଁ ଏସବୁ କାଗଜରେ ତିଆରି ହୋଇଛି । କିନ୍ତୁ ଡାଏନାଙ୍କ ପାଇଁ ଏହା ଅତି ସାଧାରଣ କାମ । କେବଳ ରଙ୍ଗୀନ କାଗଜ ଓ ସିନ୍ଥେଟିକ୍



ଗ୍ଲୁ ବା ଅଠାରୁ ସେ ତିଆରି କରିପାରିଛନ୍ତି ଏତେ ସୁନ୍ଦର ସୁନ୍ଦର ପକ୍ଷୀ । କେବଳ ରଙ୍ଗୀନ ପକ୍ଷୀ ନୁହେଁ, ସମୟ ମିଳିଲେ ସେ କାଗଜରେ ମାଛ, ପ୍ରଜାପତି ଓ ଫୁଲର ଭଳି ଭଳି ଡିଜାଇନ କରନ୍ତି ଯେ ଯାହା ସଂପୂର୍ଣ୍ଣ ପ୍ରାକୃତିକ ଭଳି ମନେହୁଏ । କାଗଜ କାରିଗରୀକୁ ସେ ଅବସାଦ ଦୂର କରିବାର ଏକ ମାଧ୍ୟମ ବୋଲି ଭାବିଛନ୍ତି । ଯେତେବେଳେ ବି ସେ ଉଦାସ ରହନ୍ତି, ସେତେବେଳେ ରଙ୍ଗୀନ କାଗଜ, କଇଁଚି, ଗ୍ଲୁ ଧରି ବସି ପଡ଼ନ୍ତି । ବାସ୍ ତାଙ୍କ ମୁଣ୍ଡରୁ ଭଲ ଭଲ ଆଇଡିଆ ଆସେ । ସେ ତିଆରି କରିବସନ୍ତି ଅତି ସୁନ୍ଦର ସୁନ୍ଦର କାଗଜ ପକ୍ଷୀ । ବଡ଼ କଥା ହେଲା ସେ ନିଜ ମନରୁ କୌଣସି ପକ୍ଷୀର ଡିଜାଇନ ଭାବନ୍ତି ନାହିଁ । ତାଙ୍କ ଆଖପାଖରେ ଉଡ଼ି ବୁଲୁଥିବା ପକ୍ଷୀ କିମ୍ବା ସେ ବୁଲିବାକୁ ଯାଉଥିବାବେଳେ କୌଣସି ନୂଆ ପକ୍ଷୀଙ୍କ ସନ୍ଧାନ ପାଇଲେ ତା'ର ଫଟୋ ଉଠାଇ ରଖନ୍ତି । ଏହାପରେ ସେହି ଫଟୋ ଦେଖି ସେ ତିଆରି କରନ୍ତି ରଙ୍ଗୀନ କାଗଜର ଆକର୍ଷଣୀୟ ପକ୍ଷୀ ।



# ମଧୁର ବଚନ

ଜୀବନ ଯନ୍ତ୍ରଣାରେ ଅତିଷ୍ଠ ହୋଇ ଜଣେ ଯୁବକ ଗୁରୁଙ୍କ ଶରଣାପନ୍ନ ହେଲେ। ଗୁରୁ କହିଲେ-ଯାଅ, ମୁଠେ ଲୁଣ ଆଣ। ତତ୍‌କ୍ଷଣାତ୍ ଯୁବକ ପଡ଼ିଶା ଘରକୁ ଯାଇ, ମୁଠେ ଲୁଣ ଧରି ଫେରିଲେ। ଗୁରୁ ପାଖରେ ପାଣି ଭର୍ତ୍ତି ପାତ୍ରଟିଏ ରଖିଥିଲେ। ସେଥିରେ ଲୁଣତକ ପକାଇ ଚାଖିବାକୁ କହିଲେ। ଯୁବକ ପାଣିକୁ ଓଠରେ ଲଗାଇ ଥୁ ଥୁ କରି କହିଲେ- ଅତି ଲୁଣିଆ। ପାଟିରେ ଲଗାହେଉନି। ଗୁରୁ କହିଲେ-ଯାଅ, ଆଉ ମୁଠେ ଲୁଣ ଆଣ। ଯୁବକ ସେମିତି କଲେ। ଗୁରୁ, ତାଙ୍କ ସାଙ୍ଗରେ ଧରି କିଛି ଦୂରରେ ଥିବା ଗୋଟିଏ ବଡ଼ ପୋଖରୀ ପାଖକୁ ଗଲେ। ସେ ଗୁରୁଙ୍କ ଉଦ୍ଦେଶ୍ୟ କିଛି ବୁଝିପାରୁ ନଥାନ୍ତି। ଗୁରୁ କହିଲେ- ଏଥର ଲୁଣତକ ପକାଇ, ପାଣିର ସ୍ୱାଦ ଚାଖ। ଯୁବକ ପାଣିରେ ଲୁଣ ପକାଇ ଚାଖି, ପାଣି ମଧୁର ବୋଲି କହିଲେ। ଗୁରୁ ହସି କହିଲେ ତୁମ ମୁଠାରେ ଥିବା ଲୁଣ ଠିକ୍ ଯନ୍ତ୍ରଣା ପରି। ଲୁଣ ଭଳି ଯନ୍ତ୍ରଣାର ପରିମାଣ ସମସ୍ତଙ୍କ ପାଇଁ ସମାନ। କେବଳ ତାହାର ଧରି ରଖିବା ଓ ଅନୁଭବରେ ପରିବର୍ତ୍ତନ ଲୋଡ଼ା। ଛୋଟ ପାତ୍ରରେ ନିରୋଳା ଲୁଣ ରହିବାରୁ ଲୁଣିଆ ଲାଗିଲା। ବଡ଼ ପୋଖରୀର ଅନୁଭୂତ ହେଲାନାହିଁ। ଜୀବନକୁ ଛୋଟିଆ ପାତ୍ରଟିଏ ନକରି ପୋଖରୀ ସଦୃଶ ବୃହତ କର। ଲୁଣ ଭଳି ଯନ୍ତ୍ରଣା ମିଳେଇଯିବ। ଜୀବନ ମଧୁର ଲାଗିବ।

# ଅଲ୍ ଇଣ୍ଡିଆ କିଷାନ୍ ସଂଘର୍ଷ ସମନ୍ୱୟ ସମିତି : ଓଡିଶା

ଭୁବନେଶ୍ୱର,୧୯।୧ (ନି.ପ୍ର): ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ତରଫରୁ ଦିଲ୍ଲୀ ଚାଲ କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ମହିଳା କୃଷକମାନଙ୍କର ଏକ ଧାରଣା ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକଠାରେ ଅନୁଷ୍ଠିତ ହୋଇଯାଇଛି । କୃଷକ ସର୍ବନାଶକାରୀ - କୃଷି ଧ୍ୱଂସକାରୀ କୃଷି ଆଇନ ବିରୁଦ୍ଧରେ ଏହି ଧାରଣା ହୋଇଥିଲା । ସ୍ୱାଧୀନତା ପରେ ଦିଲ୍ଲୀ ଚାଲ କୃଷକ ଆନ୍ଦୋଳନ ଏକ ଐତିହାସିକ ଆନ୍ଦୋଳନ ବୋଲି ମହିଳା କୃଷକ ନେତ୍ରୀମାନେ କହିଛନ୍ତି। ଏହି ଧାରଣର ମୂଖ୍ୟ ଦାବୀ ହେଲା : କୃଷକ ସର୍ବନାଶକାରୀ - କୃଷି ଧ୍ୱଂସକାରୀ ୩ଟି କୃଷକ ବିରୋଧୀ ଆଇନକୁ ବାତିଲ କରିବା, ଏମ୍.ଏସ୍. ସ୍ୱାମୀନାଥନ୍ କମିଶନଙ୍କ ସୁପାରିଶ୍ ସୁପାରିଶ ଆଧାରରେ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୁଲ୍ୟ ନିମନ୍ତେ ଆଇନ ପ୍ରଣୟନ କରିବା, କଂଟ୍ରାକ୍ଟ ଫାର୍ମିଂ ବା ଠିକା ଚାଷକୁ ବାତିଲ କରିବା, ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ-୨୦୨୦ରୁ ରଦ୍ଦ କରିବା, ସରକାରୀ ମଣ୍ଡି ବ୍ୟବସ୍ଥାକୁ ସୁଦୃଢ କରିବା, କୃଷି ଉତ୍ପାଦ ବଜାର କମିଟି (ଇଚଗଡ) କୁ ଅକାମୀ କରିବା ପାଇଁ ଚାଲିଥିବା ଯୋଜନା ବନ୍ଦ କରିବା ଇତ୍ୟାଦି। ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର କୃଷକ ନେତ୍ରୀ ପ୍ରମୋଦିନୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଧାରଣାରେ କୃଷକ ନେତ୍ରୀ ପ୍ରମୋଦିନୀ ପାଇକରାୟ , ପ୍ରମିଳା. ପ୍ରତିଭା ପ୍ରଧାନ ଏବଂ ଛାତ୍ରୀ ନେତ୍ରୀ ସଂଘମିତ୍ରା ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ସୁରେଶ ପାଣିଗ୍ରାହୀ, କ୍ଷୀରୋଧ କୁମାର ସିଂହଦେଓ, ମହେନ୍ଦ୍ର ପରିଡା, ଅଭିରାମ ବେହେରା, ବଂଶୀଧ୍ ପରିଡା, ରାମଚନ୍ଦ୍ର ତ୍ରିପାଠୀ, ଜଗଦିଶ ଜେନା, ଜୟ ପ୍ରକାଶ ଭଞ୍ଜ ଦେଓ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ ।

# ପୁରୁଣା ଗାଁରେ ଅଷ୍ଟମ ଆନ୍ତଃରାଜ୍ୟ ଭଲି ଟୁର୍ଣ୍ଣାମେଂଟ ଉଦ୍ଯାପିତ

ନୀଳଗିରି ,୧୯।୧ (ନି.ପ୍ର): ପ୍ରତିବର୍ଷଭଳି ଚଳିତ ବର୍ଷ ପୁରୁଣା ଗାଁରେ ଜୟ ଦୁର୍ଗା ଭୋଲି ଏସୋସନ ପକ୍ଷରୁ ଅଷ୍ଟମ ଆନ୍ତଃରାଜ୍ୟ ଜୟ ଦୁର୍ଗା ଭୋଲି ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଚଳିତ ବର୍ଷ ଉତରାଖଣ୍ଡ,ମଧ୍ୟପ୍ରଦେଶ ତ୍ରିବେଣୀ ମାଇନ୍ସ, ଭୋଗରାଇ ଟିମ ଟୁର୍ଣ୍ଣାମେଂଟରେ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଉତରାଖଣ୍ଡ ଓ ଭୋଗରାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉତରାଖଣ୍ଡ ଭୋଗରାଇକୁ ୨-୧ରେ ହରାଇ ଚଳିତ ବର୍ଷ ଜୟ ଦୁର୍ଗା ଟ୍ରୋଫି ଚମ୍ପିୟାନ ହୋଇଛି । ପୁରସ୍କାର ବିତୋରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ସୁବାସିନି ଜେନା, ମୁଖ୍ୟବକ୍ତା ସମାଜସେବୀ ସନ୍ତୋଷ ଖଟୁଆ, ସମ୍ମାନିତ ଅତିଥି ସମିତି ସଭ୍ୟ ଜ୍ୟୋତିନ୍ଦ୍ର ନାୟକ , ଛାତ୍ର ସଭାପତି ଫ୍ରାନସିସ କେବନ ସ ଯୋଗ ଦେଇ ବିଜୟୀ ଦଳକୁ ୩୦ ହଜାର ଟଙ୍କା ଓ ରନର୍ସ ଦଳକୁ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିବା ସହିତ ହାରଜିତ କୁ ନପରଖି ଖେଳୁଆଳ ମନଭାବ ରଖି ଖେଳ ପ୍ରଦର୍ଶନ କଲେ ଭବିଷ୍ୟତରେ ଜଣେ ଜଣେ ବଡ ଖେଳାଳି ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ବରିଷ୍ଠ ସଦସ୍ୟ ଅବିନାଶ ମହାନ୍ତି ଅଧକ୍ଷତା କରିଥିବା ବେଳେ ସଦସ୍ୟ ଆରବିନ୍ଦ ସିଂହ, ସ୍ମୃତିରଂଜନ ମହାନ୍ତି, ସୌରଭ ନନ୍ଦ, ଅରୁପ୍ ନନ୍ଦ, ସତ୍ୟନାରାୟଣ ପ୍ରମୁଖ ସହଯୋଗ କରିଥିଲେ । ଏହି ଖେଳକୁ ଦେଖିବା ପାଇଁ ସ୍ଥାନୀୟ ଅଂଚଳରେ ପ୍ରବଳ ଜନସମାଗନ ଦେଖିବାକୁ ମିଳିଥିଲା ।

## ଜିଲ୍ଲା ଓକିଲ ସଂଘ ନିର୍ବାଚନ ମାର୍ଚ୍ଚ ୨୭ରେ

କେନ୍ଦ୍ରାପଡା ,୧୯।୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘର ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଛି । ଆସନ୍ତା ମାର୍ଚ୍ଚ ମାସ ୨୭ ତାରିଖରେ ନିର୍ବାଚନ କରାଯାଇ ଭୋଟ୍ ଗଣତି ଓ ଫଳ ଘୋଷଣା କରାଯିବ ବୋଲି ପ୍ରେସ୍ ବିବୃତି ମାଧ୍ୟମରେ ସଂପାଦକ ବିବେକା ନନ୍ଦ ଦାସ ସୂଚନା ଦେଇଛନ୍ତି । ଓଡିଶା ରାଜ୍ୟ ବାର୍ ଆସୋସିଏସନ୍ ପକ୍ଷରୁ ୨୦୨୧ ମସିହାର ନିର୍ବାଚନ ନିମନ୍ତେ ଚଳିତ ମାସ ୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟ ବାର୍ ଆସୋସିଏସନର ନିର୍ଦ୍ଦେଶ ମୁତାବକ ଫେବୃୟାରୀ ୧ ତାରିଖ ସୁଦ୍ଧା ବାର୍ ସଦସ୍ୟ ମାନେ ସେମାନଙ୍କର ମେମ୍ବରସିପ ଦେୟ ପୈଠ କରିବେ ।

# ସାଦିକପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ ବ୍ଲାକ ପାଟନର ଚମ୍ପିୟାନ




ଖଇରା,୧୯।୧ (ନି.ପ୍ର): ଖଇରା ବ୍ଲକ ଜଳଦା ପଞ୍ଚାୟତ ସାଦିକପୁର କ୍ରିକେଟ ପଡିଆରେ ମା ବୁଢିଜାଗୁଳେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଏହି ଟୁର୍ଣ୍ଣାମେ ରେ ଆଠଟିଟିମ ରାଇକୁଳା, ନିମପଲି, ଆନନ୍ଦପୁର, ଚକାପଦା, ରୁଢିଙ୍ଗିଆ, ଜହ୍ନିଆପଦା, ଡାଲଙ୍ଗ, ବ୍ଲାକ ପାଟନର ଅଂଶ ଗ୍ରହଣ କରିଥିବାବେଳେ ଫାଇନାଲକୁ ରାଇକୁଳା ଓ ବ୍ଲାକ ପାଟନର ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହୋଇଥିଲା । ରାଇକୁଳା ପ୍ରଥମେ ଟଚଜିତି ବ୍ୟାଟିଙ୍ଗ ପାଇଁ ନିଷ୍ପତି ଗ୍ରହଣ କରିଥିଲା ନିର୍ଦ୍ଧାରିତ ୧୫ଓଭରରେ ସମସ୍ତ ୱିକେଟ ହରାଇ ୮୪ରନ ସଂଗ୍ରହ କରିଥିବାବେଳେ ଜବାବରେ ୧୦ ଓଭରରେ ୫ଟି ୱିକେଟ ହରାଇ ବ୍ଲାକ ପାଟନର ଆବଶ୍ୟକ ୮୬ରନ ସଂଗ୍ରହ କରି ଚାମ୍ପିୟାନ ହୋଇଥିଲା । ଫାଇନାଲ ମ୍ୟାଚରେ ରବିନ୍ଦ୍ର କୁମାର ମ୍ୟାନ ଅଫ ଦି ମ୍ୟାଚ ,ଅଧିନାୟକ ଓମ କୁମାର ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ କିପର ଦେବୁ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ସାଦିକପୁର ଗ୍ରାମବାସୀ ଓ ବୁଢୀଜାଗୁଲେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# କାଦୁଆଣିରେ ୨୫ ତମ କ୍ରିକେଟ କପ ଉଦ୍ଯାପିତ



ନୀଳଗିରି ,୧୯।୧ (ନି.ପ୍ର): ନୀଳଗିରି ବ୍ଲକ ଅଧିନସ୍ଥ ଛତ୍ରପୁର ପଂଚାୟତର କାଦୁଆଣି ଠାରେ କେସି ଏ ଆନୁକୁଲ୍ୟରେ ୨୫ ତମ କ୍ରୀକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଂଟରେ ୧୬ଟି ଟିମ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କାଦୁଆଣି ବି ବିଜୟ ହୋଇ ଚମ୍ପିୟାନ ହୋଇଥିବା ବେଳେ ଚଣ୍ଡିଗଡ ଏ ଟିମ ରନର୍ସ ହୋଇଛି। ପୁରସ୍କାର ବିତୋରଣ କାର୍ଯ୍ୟକ୍ରମରେ କେସି ଏର ସଭାପତି ବିଦ୍ୟାଧର ଦଳେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେଡିର ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ମୁଖ୍ୟ ବକ୍ତା ବିଜୁ ଛାତ୍ରଜନତା ଦଳର ନୀଳଗିରି ସଭାପତି ଫ୍ରାନସିସ ବେକନ ସ, ସମ୍ମାନିତ ଅତିଥି ସମିତି ସଭ୍ୟ କମଳା ରାଉତ, ଶ୍ରୀନିବାସ ବାଗ, ନାରୀନେତ୍ରୀ ଅନିତା କିସ୍କୁ ପ୍ରମୁଖ ଯୋଗ ଦେଇ ବିଜୟ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ସୁଧାଂଶୁ ଶେଖର ବାରିକ ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରତୀକାନ୍ତ ବାଗ, ବାଞ୍ଛାନିଧି ସତ୍ୟନାରାୟଣ, ସୁଶାନ୍ତ , ପଙ୍କଜ, ପପୁ, ଭୋଳାନଥ, ଦୀପୁ, ଦୀଲ୍ଲିକ , ବିକ୍ରମାଦିତ୍ୟ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# କୃଷି ବିଲ୍ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ




ଭଦ୍ରକ,୧୯।୧ (ନି.ପ୍ର): ଆଜି ଦେଶ ତମାମ୍ ମହିଳା କୃଷକମାନଙ୍କ ପ୍ରତିବାଦ ଦିବସ ଅବସରରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ମହିଳା ନେତ୍ରୀ ରୋଜାଲିନୀ ସାମ୍ୟବାଦୀ, ଶିଖା ମହାପାତ୍ର, ସମ୍ଭାରୀ ମୁଣ୍ଡା, ସୁକାନ୍ତ ହେମ୍ବ୍ରମ୍, ମଂଜୁଲତା ଜେନା ଓ ଶାନ୍ତି ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବନ୍ତଛକରୁ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ରୋଜାଲିନ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କୃଷକ ନେତା ଚନ୍ଦ୍ରଶେଖର ନାୟକ, ପ୍ରଭାସ ମହାପାତ୍ର, ରାଧା ଦାସ, ଦିଲ୍ଲୀପ ନାୟକ, ମଳୟ ଭୋଇ, ନିରଂଜନ ପାଣି, ମଂଜୁଲତା ଜେନା, ମହେଶ୍ୱର ନାୟକ, ଶାନ୍ତିଲତା ନାୟକ, ସେକ୍ କମର, ସେକ୍ କାଲୁ, ଉମାମଣି ଜେନା, ନାରାୟଣ ଲେଙ୍କା, ମହେଶ୍ୱର ନାୟକ, ରାଜୁ ଜେନା, ସୁକାନ୍ତି ପ୍ରଧାନ, ସମର ବଳ, ଜୟନ୍ତୀ ବିଶ୍ୱାଳ, ଭାଗ୍ୟଲକ୍ଷ୍ମୀ ଜେନା, ଲତା ଜେନା, ବିଦ୍ୟାଧର ଜେନା ଓ ଶ୍ରମିକ ନେତା ଦିବ୍ୟସିଂହ ନାୟକ ପ୍ରମୁଖ ଯୋଗଦେଇ ଭାରତବର୍ଷର ମୋଦି ସରକାର ଦେଶର କୃଷି ଓ କୃଷକ ବିରୋଧୀ ୩ଟି ଆଇନ୍ ଆଣିଥିବାରୁ ଦେଶ ତମାମ୍ ଲକ୍ଷ ଲକ୍ଷ ଚାଷୀ ଦିଲ୍ଲୀଠାରେ ଆନ୍ଦୋଳନରେ ବସିଥିବାବେଳେ ୧୪୦ ଜଣ ସହୀଦ ହେବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ । ଏବଂ ଉକ୍ତ ଆଇନ୍ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଦେଶର ସମସ୍ତ ମହିଳା କୃଷକ ମା’ ଓ ଭଉଣୀମାନେ ଏହି ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ନିଯୁକ୍ତି ଦାବିରେ ରାଷ୍ଟ୍ରୀୟ ମଜଦୂର ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର,୧୯।୧ (ନି.ପ୍ର): ୭ ଦଫା ଦାବି ନେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଯୁବ ଶାଖା ତରଫରୁ ସୋମବାର ସାରା ରାଜ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ଆଜି ଭୁବନେଶ୍ୱରସ୍ଥ ଅତିରିକ୍ତ ଜିଲ୍ଲାପାଳ ସମ୍ମୁଖରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଯୁବ ଶାଖା ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଙ୍କ ନେତୃତ୍ୱରେ ବିକ୍ଷୋଭ ସମାବେଶ କରାଯାଇଥିଲା । ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବକ, କୃଷକ, ଶ୍ରମିକ ଓ ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟା ଓ ଦାବୀ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ରାଜ୍ୟପାଳଙ୍କ ଉଦ୍ଦେଶରେ ପ୍ରଦାନ କରାଯାଇଥିଲା । ରାଜ୍ୟର ସମସ୍ତ ବେକାର ଯୁବକମାନଙ୍କୁ ଚାକିରୀ ଦିଆଯାଉ ନଚେତ ମାସିକ ୬ହଜାର ଟଙ୍କା ଭତା, କରୋନା, ଜି.ଏସ୍.ଟି ଓ ବିମୁଦ୍ରୀକରଣରେ ପ୍ରଭାବିତ ସମସ୍ତ ରୋଜଗାର ହରାଇଥିବା ଶ୍ରମିକ ମାନଙ୍କୁ ନିଯୁକ୍ତି ଓ ତାଲାବନ୍ଦ ସମୟର ସମସ୍ତ ଦରମା ,କେନ୍ଦ୍ର ସରକାର ପ୍ରଣୟନ କରଥିବା ୪ ଟି ଲେବର କୋର୍ଡ଼ ଓ ୩ଟି କୃଷକ ବିରୋଧି ଆଇନକୁ ପ୍ରତ୍ୟାହାର, କୋଇଲା, ବ୍ୟାଙ୍କ, ରେଲୱେ, ବୀମା ଓ ପ୍ରତିରକ୍ଷା ଉତ୍ପାଦନକୁ ଘରୋଇକରଣ ବନ୍ଦ କରିବା, ଘରୋଇ କ୍ଷେତ୍ରରେ ସ୍ଥାନୀୟ ବେକାରୀ ଯୁବକଙ୍କୁ ଅଗ୍ରାଧିକାର ଭିତିରେ ୮୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ଦାବୀ ଓ ଚାକିରୀ ପାଇଁ ସମସ୍ତ ପରୀକ୍ଷା ଓଡ଼ିଆ ଭାଷାରେ କରିବା, ରାଜ୍ୟରେ ସମସ୍ତଙ୍କୁ ମାଗଣାରେ କୋଭିଡ୍-୧୯ ଟୀକା ଦିଆଯାଉ ଓ କୋଭିଡ୍-୧୯ ରେ ସଂକ୍ରମିତ ସମସ୍ତ ଶ୍ରମିକ କର୍ମଚାରୀମାନଙ୍କୁ ସଂକ୍ରମଣ ସମୟରେ ସମସ୍ତ ଚିକିତ୍ସା ସହିତ ଦରମା ସହ ଚାକିରୀ ପାଇଁ ପରୀକ୍ଷା, ରାଜ୍ୟ ସଚିବାଳୟ, ଜିଲ୍ଲା, ବ୍ଲକ, ତହସିଲ, କୋର୍ଟ, କଚେରୀର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ କରିବାକୁ ଦାବି କରାଯାଇଥିଲା । ଦାବୀଗୁଡ଼ିକ କେନ୍ଦ୍ର ଓ ରାଜ୍ୟ ସରକାର ପୂରଣ ନ କଲେ ଏ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଶ୍ରୀ ନାୟକ ଚେତାବନୀ ଦେଇଛନ୍ତି । ଏ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ସାଧାରଣ ସଂପାଦକ କିଶୋର ଜେନା, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଯୁବ ଶାଖା ଭୁବନେଶ୍ୱର ଜିଲ୍ଲା ସଭାପତି -ଜୟକୃଷ୍ଣ ମାଲ୍ଲିଆ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ପ୍ରମୁଖ ସାମିଲ ଥିଲେ ।

## କେନ୍ଦ୍ରାପଡା ଜିଲ୍ଲା ୧୯ବର୍ଷରୁ କମ୍ ବାଳକ କ୍ରିକେଟ୍ ଦଳ ଚୟନ

କେନ୍ଦ୍ରାପଡା,୧୯।୧ (ନି.ପ୍ର): ଆସନ୍ତା ୨୦ ତାରିଖ କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଜିଲ୍ଲା ୧୯ବର୍ଷରୁ କମ୍ ବର୍ଗ କ୍ରିକେଟ୍ ପ୍ରତିଯୋଗିତାରେ ଭାଗ ନେବା ପାଇଁ କେନ୍ଦ୍ରାପଡା କ୍ରିକେଟ୍ ଦଳ କଟକ ଠାରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବାପାଇଁ ବାହାରିବେ । ଗତ ୧୪ ତାରିଖ ଏକ ଚୟନ ଶିବିର ଅନୁଷ୍ଠିତ ହୋଇ ୩୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୫ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ଥିଲା । ଉକ୍ତ ଶିବିରକୁ କେନ୍ଦ୍ରାପଡାର ବରିଷ୍ଠ ଖେଳାଳି ଜ୍ୟୋତି ନାରାୟଣ ଶତପଥୀ, ଗାଙ୍ଗେୟ କୁମାର ବିଶ୍ୱାଳ, ଅସିତ ଦାସ, ରଶ୍ମି ରଞ୍ଜନ ସିଂହ ପରିଚାଳନା କରିଥିଲେ ।

# ରାଜାରାଣୀ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

## ଶାସ୍ତ୍ରୀୟ ସଙ୍ଗୀତର ମୁର୍ଚ୍ଛନାରେ ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ମୁଖରିତ

ଭୁବନେଶ୍ୱର ,୧୯।୧ (ନି.ପ୍ର): ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବ ଆଜିଠାରୁ ତିନିଦିନ ଧରି କଳିଙ୍ଗ କଳାସ୍ଥାପତ୍ୟର ଚମତ୍କାର କଳାକୃତି ଏକାଦଶ ଶତାବ୍ଦୀ ନିର୍ମିତ ପ୍ରସିଦ୍ଧ ରାଜାରାଣୀ ମନ୍ଦିର ପ୍ରାଙ୍ଗଣରେ ଉଦଘାଟିତ ହୋଇଯାଇଛି । ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ; ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କର ମୁଖ୍ୟ ଉପଦେଷ୍ଟା ଆର. ବାଲକ୍ରୀଷ୍ଣନ; ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ; ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷା ଶ୍ରୀମୟୀ ମିଶ୍ର; ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆଜି ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା କର୍ଣ୍ଣାଟକୀ ସଙ୍ଗୀତର ପ୍ରସିଦ୍ଧ ଗାୟିକା ବିଦୁଶୀ ଶୁଦ୍ଧା ରଘୁରମଣନଙ୍କର କର୍ଣ୍ଣାଟକୀ ସଙ୍ଗୀତ ପରିବେଷଣ । ସେ ପ୍ରଥମେ ସିଦ୍ଧିବିନାୟକଙ୍କ ବନ୍ଦନା ରାଗ ଆସୀ ଓ ଆଦିତାଳରୁ ଆରମ୍ଭ କରି ରାଗ ହଂସ ଧ୍ୱନି, ରାଗଶ୍ରୀ ଏବଂ ଶିବପଂଚାକ୍ଷର ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ରାଗ ବିସ୍ତାର, ରସୋତୀର୍ଣ୍ଣ ପରିବେଷଣ ଭାବାବେଗ ସହିତ ଶୁଦ୍ଧ ଉଚ୍ଚାରଣ ଓ କମୋନିୟ ଏବଂ ଚିତାକର୍ଷକ ସ୍ୱରରେ ସେ ଦୀର୍ଘ ସମୟଧରି ଦର୍ଶକମାନଙ୍କୁ ଆହ୍ଲାଦିତ କରିଥିଲେ । ସଂଧ୍ୟାର ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ରିଦିମ୍ ସ୍କେପ୍ ମାଷ୍ଟରୋ ବିକ୍ରମ ଘୋଷଙ୍କ ଦ୍ୱାରା ତବଲା ଫ୍ୟୁଜନ । ତାଙ୍କର ପ୍ରସ୍ତୁତିରେ ଥିଲା ଶିବ ତାଣ୍ଡବ ସହିତ ତବଲା, ପୋଖଜ, କର୍ଣ୍ଣାଟକୀ ମୃଦଙ୍ଗମ୍, ପାରମ୍ପାରିକ ଶ୍ରୀଖଳ ଓ ସମସାମୟିକ ଡ୍ରମ୍ ର ସମ୍ମନୟରେ ଶାସ୍ତ୍ରୀୟ ତବଲା ବାଦନ ଯାହା ବିକ୍ରମ ଘୋଷଙ୍କର ସୃଜନଶୀଳତାର ଶୁଖ୍ଳତା ପ୍ରତିପାଦିତ ହୋଇଥିଲା ଯାହାକୁ ଦର୍ଶକ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ଉପଭୋଗ କରିଥିଲେ । କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ଡ଼. ସଙ୍ଗୀତା ଗୋସାଇଁ ଏବଂ ଅନୁଜା ତାରିଣୀ ମିଶ୍ର । ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ, ଉପ ସଚିବ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ଅଧିକାରୀ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧିକାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଓଡିଶା ଦଳିତ ସମାଜ କଲ୍ୟାଣ ପରିଷଦର ଜିଲ୍ଲା ସମ୍ମିଳନୀ

କେନ୍ଦ୍ରାପଡା ,୧୯।୧ (ନି.ପ୍ର): ଦଳିତ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାକୁ ସଶକ୍ତ ସଂଗଠନ ଆବଶ୍ୟକ ବୋଲି ସମ୍ମିଳନୀରେ ଉପସ୍ଥିତ ଥିବା ବହୁ ଦଳୀତ ନେତା ମତବ୍ୟକ୍ତ ପ୍ରକାଶ କରିଛନ୍ତି । କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ପଂଚାୟତ ଅନ୍ତର୍ଗତ ଗରାପୁର ଠାରେ ଥିବା ଆମ୍ବେଦକର ଭବନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସମାଜର ନିମ୍ନ ବର୍ଗରେ ଥାଇ ସୁସ୍ଥ ସମାଜ ଗଠନରେ ପ୍ରମୁଖ ଭୂମିକା ନିଭାଉ ଥିଲେ ମଧ୍ୟ ସମାଜରେ ଉପଯୁକ୍ତ ଆଦର ଓ ସମ୍ମାନ ମିଳୁନାହିଁ । ସମ୍ବିଧାନରେ ଉଲ୍ଲେଖ ଥିଭା ମାନବ ଅଧିକାର ପାଇବାକୁ ହେଲେ ଦୃଢ ସଂଗଠନର ଆବଶ୍ୟକତା ଅଛି । ନିଜେ ସଚେତନ ହୋଇ ସବୁବର୍ଗର ଜନ ସାଧାରଣକୁ ଏକତ୍ରିତ କରି ସଂଗ୍ରାମ ଜାରି ରଖିବାକୁ ପଡିବ ବୋଲି ଅଲ୍ ଓଡିଶା ଦଳିତ ସମାଜ କଲ୍ୟାଣ ପରିଷଦ କେନ୍ଦ୍ରାପଡା ଶାଖା ତରଫରୁ ଜିଲ୍ଲା ସ୍ତରୀୟ ସ୍ୱଜାତି ସମ୍ମିଳନୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

# ଓଡ଼ିଶା ବିଧାନସଭାର ସଂପୂର୍ଣ୍ଣ କମ୍ପ୍ୟୁଟରୀକରଣ ପାଇଁ ଗୃହକମିଟି ବୈଠକ

ଭୁବନେଶ୍ୱର,୧୯।୧ (ନି.ପ୍ର): ଓଡ଼ିଶା ବିଧାନସଭା ସଚିବାଳୟର ଦୈନନ୍ଦିନ କାର୍ଯ୍ୟ ଏବଂ ବିଧାନସଭା ଅଧିବେଶନ କାର୍ଯ୍ୟର ସଂପୂର୍ଣ୍ଣ କମ୍ପ୍ୟୁଟରୀକରଣ ପାଇଁ ବିଧାନସଭା ଗୃହ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଏ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । ବିଧାନସଭାର ସମସ୍ତ କର୍ମଚାରୀଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ ସହ ଆଗାମୀ ଦିନରେ ଇ-କମ୍ପ୍ୟୁଟର ମାଧ୍ୟମରେ ଫାଇଲ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରିବା ପାଇଁ ବାଚସ୍ପତି ଡ. ପାତ୍ର କଡ଼ା ନିର୍ଦ୍ଦେଶ ଦେଇଥିଲେ । ଇ-ବିଧାନସଭାକୁ ମିଶନ୍ ମୋଡ୍‌ରେ କାର୍ଯ୍ୟକାରୀ କରିବା ସହ ବିଧାନସଭାର ସମସ୍ତ କାର୍ଯ୍ୟକ୍ରମ ବିନା କାଗଜରେ ସଂପନ୍ନ କରିବା ପାଇଁ ମଧ୍ୟ କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ବିଧାନସଭାରସମସ୍ତ ସଭ୍ୟଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଥିଲା । ଆଲୋଚନାର ବିବରଣୀରୁ ପ୍ରକାଶ ଯେ ବିଧାନସଭାକୁ ସଂପୂର୍ଣ୍ଣ କମ୍ପ୍ୟୁଟରୀକରଣ କରିବା ପାଇଁ ୨୦୧୨ ଅପ୍ରେଲ ୭ ତାରିଖରେ ଏକ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ ତଦନୁଯାୟୀ ଏକ ଗୃହ କମିଟି ରାଜସ୍ଥାନ, ମହାରାଷ୍ଟ୍ର ସହ ଲୋକସଭାକୁ ଷ୍ଟଡି ଟୁର୍‌ରେ ଯାଇଥିଲେ ଏବଂ ବିଧାନସଭାର ଦୈନନ୍ଦିନ କାର୍ଯ୍ୟକ୍ରମ ଜାତୀୟ ସୂଚନା ପ୍ରଯୁକ୍ତି ଅନୁଷ୍ଠାନ ମାଧ୍ୟମରେ ଡିଜିଟାଇଜେସନ୍ କରାଯିବାର ରିପୋର୍ଟ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ବିଧାନସଭାର ରିପୋର୍ଟର ଶାଖା, କାର୍ଯ୍ୟ ବିବରଣୀ ଶାଖା ଏବଂ ପ୍ରଶ୍ନୋତର ଶାଖାକୁ ମଧ୍ୟ କମ୍ପ୍ୟୁଟରୀକରଣ ପାଇଁ ପରାମର୍ଶ ଦେଇଥିଲେ । କେନ୍ଦ୍ର ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗ ଏହି କାର୍ଯ୍ୟକ୍ରମ ପାଇଁ ୧ କୋଟି ୨ ଲକ୍ଷ ୯୬ ହଜାର ୪୦୮ ଟଙ୍କା ଅନୁଦାନ ପ୍ରଦାନ କରିଥିବା ସ୍ଥଳେ ଅବଶିଷ୍ଟ ଶତକଡ଼ା ୪୦ ଭାଗ ଅର୍ଥ ରାଜ୍ୟ ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ପ୍ରଦାନ କରିଥିଲେ । ଓଡ଼ିଶା ବିଧାନସଭା ସଚିବାଳୟକୁ ସଂପୂର୍ଣ୍ଣ କମ୍ପ୍ୟୁଟରୀକରଣ ପାଇଁ ଏହି ଅର୍ଥ ଓକାକ୍‌କୁ ପ୍ରଦାନ କରାଯାଇଛି ଏବଂ ଏହି କାର୍ଯ୍ୟକ୍ରମକୁ ଯୁଦ୍ଧକାଳୀନ ଭିତିରେ କରାଯାଉଛି । ତେବେ ଏହି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ସହ ବିଧାନସଭାର ସମସ୍ତ ଶାଖାକୁ ଅବିଳମ୍ବେ କମ୍ପ୍ୟୁଟରୀକରଣ ପାଇଁ ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର, ତାରାପ୍ରସାଦ ବାହିନୀପତି, ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବିଧାନସଭା ସଚିବ ଦାଶରଥୀ ଶତପଥୀ ଯୋଗଦେଇଥିଲେ ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




ଭଦ୍ରକ,୧୯।୧ (ନି.ପ୍ର): ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ - ୨୦୨୧ ପାଳନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋବିଡ଼-୧୯ କଟକଣାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱରାଷ୍ଟ୍ର ବିଭାଗ ତରଫରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ନିଷ୍ପତି ନିଆଯାଇଥିଲା। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯିବ। ସକାଳ ୭ଟା ୩୦ ମିନିଟ ସୁଦ୍ଧା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କୋଭିଡ଼ ନିୟମ ଅନୁପାଳନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୮ଘଟିକା ୩୦ ମିନିଟ ସମୟରେ ନେହେରୁ ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ପତାକା ଉତ୍ତୋଳନ କରିବେ। ସେଠାରେ କେବଳ ପୁଲିସ ବାହିନୀ ଉପସ୍ଥିତ ରହିବେ। ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ ଏଥିରେ ଭାଗ ନେବେ ନାହିଁ। ସ୍ୱରାଷ୍ଟ୍ର ବିଭାଗର ମାର୍ଗଦର୍ଶିକା ଅନୁଯାୟୀ କୋଭିଡ଼ ଯୋଦ୍ଧାଙ୍କ ସମେତ ସୀମିତ ସଂଖ୍ୟକ ଅତିଥିଙ୍କୁ ଏହି ସମାରୋହକୁ ଆମନ୍ତ୍ରିତ କରାଯିବ। କିଛି କୋଭିଡ଼ ଯୋଦ୍ଧାଙ୍କୁ ଏହି ଅବସରରେ ସମ୍ମାନିତ କରିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଅନ୍ୟ ଦର୍ଶକଙ୍କୁ ପଡ଼ିଆ ମଧ୍ୟକୁ ଯିବା ପାଇଁ ଅନୁମତି ଦିଆଯିବ ନାହିଁ। କୋବିଡ଼ କଟକଣା ଅନୁଯାୟୀ ପଡ଼ିଆ ମଧ୍ୟରେ ସାମାଜିକ ଦୂରତ୍ୱ ପାଳନ କରାଯିବା ସହିତ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍‌ଲାଇନ ଯୋଗେ ପ୍ରବନ୍ଧ, କୁଇଜ ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସେହିପରି ବ୍ଲକ ଓ ପଞ୍ଚାୟତ ସ୍ତରରେ ରାଜ୍ୟ ସ୍ୱରାଷ୍ଟ୍ର ବିଭାଗର ମାର୍ଗଦର୍ଶିକା ଅନୁପାଳନ କରି ସାଧାଣତନ୍ତ୍ର ଦିବସ ପାଳନ କରାଯିବ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କ ସମେତ ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀ ଓ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ।

## ଧାନକିଣାରେ ସମବାୟ ସମିତି ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟ !

# ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରିଲେ ଗୁଡୁଦାବାସୀ



ବାଲେଶ୍ୱର,୧୯।୦୧ (ନି.ପ୍ର): ଧାନ କିଣାରେ ରେମୁଣା ବ୍ଲକର ଦୁର୍ଗାଦେବୀ ପ୍ରାଥମିକ କୃଷି ସମବାୟ ସମିତି ଓ ମିଲରଙ୍କ ଅସହଯୋଗ ପ୍ରତିବାଦରେ ଗୁଡୁଦା ପଞ୍ଚାୟତର ଚାଷୀମାନେ ମଙ୍ଗଳବାର ଦିନ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ କରିଥିଲେ । ଦୁର୍ଗାଦେବୀ ପ୍ରାଥମିକ କୃଷି ସମବାୟ ସମିତି ଦୀର୍ଘ ବର୍ଷଧରି ଦୁର୍ଗାଦେବୀ ଓ ଗୁଡୁଦା ପଞ୍ଚାୟତର ଚାଷୀଙ୍କ ଧାନ ଦୁଇଗୋଟି କେନ୍ଦ୍ରରେ ସଂଗ୍ରହ କରିଥାନ୍ତି । ସମିତି ପକ୍ଷରୁ ଗୋଟିଏ କେନ୍ଦ୍ର ଦୁର୍ଗାଦେବୀରେ ଓ ଅନ୍ୟଟି ଗୁଡୁଦାରେ ସ୍ଥାପନ ସହ ସରକାରୀ ନିୟମ ଭିତ୍ତିରେ ଧାନ ସଂଗ୍ରହ ହୋଇଆସୁଥିଲା । ମାତ୍ର ଚଳିତ ବର୍ଷ ଧାନକିଣାରେ ଗୁଡୁଦା ପଞ୍ଚାୟତର ଚାଷୀଙ୍କୁ ଅଣଦେଖା କରାଯାଉଥିବା ସେମାନେ ଆରୋପ ଉଠାଇଛନ୍ତି । ଗତ ଡିସେମ୍ବର ମାସ ୨୫ ତାରିଖରୁ ଗୁଡୁଦା ପଂଚାୟତର ଚାଷୀମାନଙ୍କୁ ଧାନ ବିକ୍ରୟ ପାଇଁ ଟୋକନ ମିଳିଥିବା ବେଳେ ସମବାୟ ସମିତି ପକ୍ଷରୁ ଧାନ କିଣିବା ପାଇଁ କୌଣସି ପ୍ରକାର ଆଗ୍ରହ ପ୍ରକାଶ ପାଇନାହିଁ । ଅପର ପକ୍ଷେ ଦୁର୍ଗାଦେବୀ କେନ୍ଦ୍ରରେ ଚାଷୀମାନଙ୍କ ନିକଟରୁ ଧାନ କ୍ରୟ ଜାରି ରହିଥିବା ଗୁଡୁଦା ପଂଚାୟତବାସୀ କହିଛନ୍ତି । ଗୁଡୁଦା ପଞ୍ଚାୟତକୁ ଯିବା ପାଇଁ ଭଲରାସ୍ତା ନଥିବା ଯୋଗୁଁ ମିଲରଙ୍କ ଗାଡ଼ି ଯାଉନଥିବାର ଆଳ ଦେଖାଇ ସମବାୟ ସମିତିର ସମ୍ପାଦକ ଧାନ କ୍ରୟ କରୁନଥିବା ଚାଷୀମାନେ କହିଛନ୍ତି । ଏମିତିକି କିଛି ଧାନ ବ୍ୟବସାୟୀ ଓ ନିଜ ଲୋକଙ୍କ ନାମରେ ସମ୍ପାଦକ ଧାନ କ୍ରୟ କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ସବୁଠାରୁ ବଡ଼କଥା ହେଲା ଗୁଡୁଦା ପଞ୍ଚାୟତ ଅତିକ୍ରମ କରି ମିଲରଙ୍କ ଗାଡ଼ି ଦୁର୍ଗାଦେବୀ କେନ୍ଦ୍ରରୁ ନିୟମିତ ଧାନ ନେଇ ଆସୁଥିବା ବେଳେ ଗୁଡୁଦା ପଞ୍ଚାୟତରୁ ଚାଷୀଙ୍କ ଧାନ କ୍ରୟରେ କେଉଁଠି ସମସ୍ୟା ରହିଲା ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି । ଚାଷୀଙ୍କୁ ହଇରାଣ ହରକତ କରିବା ପାଇଁ ମିଲର ଓ ସମିତି ସମ୍ପାଦକଙ୍କର ଏହା ଏକ ଚାଲ ବୋଲି ସେମାନେ ପ୍ରକାଶ କରିଛନ୍ତି । ଗୁଡୁଦା ପଞ୍ଚାୟତ ଅଧୀନରେ ସିରାକୋଇଲି, ଭଦ୍ରସିଆ, ଗଉଡ଼ଗାଁ, ପାଳହତା, ଗୁଡୁଦା, ଗୁଡୁଦା ପାଟଣା, ମାହଦା, ନଛିପୁର, ଶୀଳସୁଆଁ, ତୋଟାପଡା, ବରପଦା ପ୍ରଭୃତି ଗ୍ରାମର ୨ ଶହରୁ ଉର୍ଦ୍ଧ୍ୱ ଚାଷୀ ଅନଲାଇନରେ ପଞ୍ଜିକରଣ କରିଥିବା ବେଳେ ଖରିଫ ଧାନ ବିକ୍ରି ପାଇଁ ସେମାନଙ୍କୁ ମଳିଥିବା ଟୋକନର ଅବଧି ମଧ୍ୟ ଶେଷ ହେବାକୁ ବସିଛି । ପ୍ରଥମ ପର୍ଯ୍ୟାୟରେ ଗୁଡୁଦା ପଞ୍ଚାୟତ ଚାଷୀଙ୍କ ପାଖରୁ ୩ ହଜାର କୁଇଣ୍ଟାଲ ଧାନ ସଂଗ୍ରହର ଟାର୍ଗେଟ ଥିବା ବେଳେ ଏଯାବତ ମାତ୍ର ୭ ଶହ କୁଇଣ୍ଟାଲ ଧାନ କ୍ରୟ ହୋଇପାରିଛି ବୋଲି ଚାଷୀମାନେ କହିଛନ୍ତି । ଏହା ସହିତ ସେମାନଙ୍କଠାରୁ କ୍ୱିଣ୍ଟାଲ ପ୍ରତି ୯ କିଲୋ ଲେଖାଏଁ ଧାନ କଟାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ତେବେ ଚାଷୀମାନେ ଆଜି ଦୀର୍ଘ ସମୟ ଯୋଗାଣ ଅଫିସ ସମ୍ମୁଖରେ ପ୍ରତିବାଦ କରିବା ସହ ଅଧିକାରୀଙ୍କୁ ସାକ୍ଷାତ କରି ସମିତି ସମ୍ପାଦକଙ୍କ ଦ୍ୱାରା ଚାଲିଥିବା ଅନିୟମିତତା ଏବଂ ଅସହଯୋଗ ସମ୍ପର୍କରେ କହିଥିଲେ । ତେବେ ଖୁବଶୀଘ୍ର କ୍ଷେତ୍ର ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ନିୟମିତ ଧାନକିଣା ହେବ ବୋଲି ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ପ୍ରତଶ୍ରୁତି ଦେଇଥିଲେ ।

### ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପାର୍ବତୀ ଗିରିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି । ଦେଶସେବା ସହ ମହିଳା, ଶିଶୁ, ନିରାଶ୍ରୟ ଓ ଅସହାୟଙ୍କ କଲ୍ୟାଣ ଦିଗରେ ତାଙ୍କ ଜୀବନବ୍ୟାପୀ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ସେ ଚିରସ୍ମରଣୀୟ ରହିବେ ।

## ବିଜୁ ମହିଳା ଜନତା ଦଳ ତରଫରୁ ସୁଜାତା ମୁର୍ମୁଙ୍କ ଗିରଫ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ




ଉଦଳା,୧୯।୦୧ (ନି.ପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ଆଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁଙ୍କୁ ତୁରନ୍ତ ଗିରଫ କର ଦାବୀ ନେଇ ଆଜି ଜାନୁଆରୀ ୧୯ ତାରିଖ ମଙ୍ଗଳବାର ଦିନ ବିଜୁ ମହିଳା ଜନତା ଦଳ କପ୍ତିପଦା ଉପଖଣ୍ଡ ତରଫରୁ ଉଦଳା ଠାରେ ବିକ୍ଷୋଭ ପ୍ରଦର୍ଶନର ଦୃଶ୍ୟ ଦେଖିବାକୁ ମିଳିଛି । ପ୍ରଥମେ ପ୍ରଭାତରେ ଉପଖଣ୍ଡର ବିଭିନ୍ନ ସ୍ଥାନରୁ ମହିଳା ମାନେ ଆସି ଉଦଳା ସହର ମଧ୍ୟରେ ଥିବା ବିଜୁ ଜନତା ଦଳର କାର୍ଯ୍ୟାଳୟ ଠାରେ ଏକତ୍ରିତ ହୋଇଥିଲେ । ଏହାପରେ ଏକ ଶୋଭାଯାତ୍ରାରେ ବାହାରି ମହିଳା ମାନେ, ବିଜୁବାବୁ ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ସୁଜାତା ମୁର୍ମୁ ଛି ଛି, ଭାସ୍କର ମଢ଼େଇ ହାଏ ହାଏ ଇତ୍ୟାଦି ସ୍ଲୋଗାନ ଦେଇ ଉଦଳା ସହର ପରିକ୍ରମା କରିଥିଲେ । ଶେଷରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମୁର୍ମୁଙ୍କର ଏକ କୁଶପୁତଳିକା ଦାହ କରାଯାଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଆଜିର ଏହି ବିକ୍ଷୋଭ ପ୍ରଦର୍ଶନର କାର୍ଯ୍ୟକ୍ରମରେ ଉଦଳା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ସବିତା ହାଁସଦାଃ ଓ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ନେତୃତ୍ୱ ନେଇଥିବା ଦେଖିବାକୁ ମିଳିଥିଲା ।

### କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୫୦ ଗିରଫ

ଭୁବନେଶ୍ୱର,୧୯।୦୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୫୦ ଜଣଙ୍କୁ ଗିରଫ କରିଥିବା ବେଳେ ୬୯୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୩୨,୮୦୦ଟଙ୍କା । ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଜନତା ସେବାକେନ୍ଦ୍ର ତରଫରୁ ଶୀତବସ୍ତ୍ର ପ୍ରଦାନ



ଭଦ୍ରକ,୧୯।୦୧ (ନି.ପ୍ର): ଚରମ୍ପା ସ୍ଥିତ ଜନତା ସେବା କେନ୍ଦ୍ର ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ସେବାକେନ୍ଦ୍ରର ସଭାପତି ବିଶ୍ୱନାଥ ଅଗ୍ରୱାଲଙ୍କ ଅନୁଦାନରେ ୯୦ ଜଣ ନିରାଶ୍ରୟ ବୃଦ୍ଧ ଓ ବୃଦ୍ଧାଙ୍କୁ ଏହି ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଏହି ଅବସରରେ ଏକ ଆଷଲାଚନା ସଭା ଅନୁôଠିତ ହୋଇଥିଲା । ଆସନ୍ତା ଜାନୁଆରୀ ୨୬ ପାଇଁ ଜନସେବା କେନ୍ଦ୍ରର ପତାକା ଉତ୍ତୋଳନ କରାଯିବା ସଙ୍ଗେ ସଙ୍ଗେ ସ୍ୱଚ୍ଛଭାରତ ଅଭିଯାନରେ ରାସ୍ତା ସଫେଇ, ବୃକ୍ଷରୋପଣ କରିବା ସଙ୍ଗେ ସଙ୍ଗେ ସେବାକେନ୍ଦ୍ର ତରଫରୁ ସାଧାରଣ ଲୋକଙ୍କୁ କିପରି ସେବା ଯୋଗାଇ ଦିଆଯାଇ ପାରିବ ସେ ଦିଗରେ ନିରନ୍ତର ଚେଷ୍ଟା ଜାରି ରହିବ ବୋଲି ବରିଷ୍ଠ ଉପଦେଷ୍ଟା ନିରାକାର ଜେନା କହିଥିଲେ । ଆଲୋଚନାରେ କୋଷାଧକ୍ଷ ରତ୍ନାକର ହାତୀ, ସଂପାଦକ ଲକ୍ଷ୍ମୀଧର ଦାସ, କାର୍ଯ୍ୟକାରୀ ସଭାପତି କୈଳାଶ ଚନ୍ଦ୍ର ମହାପାତ୍ର ସଭ୍ୟ ସୁବ୍ରତ ଦାସ, ପ୍ରମୋଦ ଛତାର, ବୀରକିଶୋର ଦାସ, ନରେନ୍ଦ୍ର ସାହୁ, ସେଖ ଚାନ୍ଦ, ଅପାରାଓ ଅଂଶଗ୍ରହଣ କରିଥିଲେ ।

## ୪୬ଲିଟର ଦେଶୀମଦ ସହ ୩ ଗିରଫ



ନୀଳଗିରି ,୧୯।୦୧ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ନୀଳଗିରିର ବିଭିନ୍ନ ଅଂଚଳରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିବା ସହ ୪୬ ଲିଟର ଦେଶୀ ମଦ ଜବତ କରିଛି । ନୀଳଗିରି ଏନ.ଏ.ସି. ୭ନଂ. ଓବାର୍ଡର ସହରସାହି ଗ୍ରାମର ବୁଦ୍ଧିଆ ବିଶ୍ୱାଳ, ବାଲିଗୋହିରୀ ଗ୍ରାମର କମଳ କୁମାର ସିଂ, ନୀଳଗିରି ଡାହିସାହି ଗ୍ରାମର ସମ୍ଭୁଆ ସିଂକୁ ଗିରଫ କରାଯାଇ କୋର୍ଟ ଚ୍ଲାଣ କରାଯାଇଛି । ଏହି ଚଢ଼ାଉରେ ନୀଳଗିରି ଅବକାରୀ ଓ.ଆଇ.ସି. ହରପ୍ରସାଦ ରଣା, ଉର୍ମିଳା ବେହେରା, ବିଜୟ କୁମାର ମଲ୍ଲିକ, ହୃଷିକେଶ ବାରିକ, ଜୟମାଧବ ଦାସ ପଟ୍ଟନାୟକ ସାମିଲ ଥିଲେ ।

## ଗୋଟିଏ ଦିନରେ ୧୨୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୯।୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୩୫୬୬ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୨୯୮୦୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୮୧୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୨୨ ଜଣଙ୍କ ମଧ୍ୟରୁ ୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୨୬ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି .....

ଆଦିର ନିର୍ମାଣ ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟସେବାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହିସବୁ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବା ସହିତ ଏଥିରେ ସଂପୃକ୍ତ ବିଭିନ୍ନ ବିଭାଗ ସେମାନଙ୍କ ଦାୟିତ୍ୱକୁ ଉତମ ସମନ୍ୱୟ ରକ୍ଷା କରି ନିର୍ବାହ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସେହିପରି ନୂଆକରି ଖୋଲିବାକୁ ଥିବା ମେଡିକାଲ କଲେଜ ଗୁଡିକର ଅଧାପକ ପଦବୀ ତଥା ପେରିଫେରି ଡ଼ାକ୍ତରଖାନାର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଆଦି ପଦବୀ ପୂରଣ ଏବଂ ଚିକିତ୍ସା ଉପକରଣ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଓପିଏସସି ପକ୍ଷରୁ ପ୍ରାୟ ୨୦୦୦ରୁ ଅଧିକ ଡାକ୍ତର, ଦନ୍ତ ଚିକିତ୍ସକ ପଦବୀ ପୂରଣ ପାଇଁ ବିଜ୍ଞାପନ ପ୍ରକାଶ ପାଇବ ବୋଲି ଜଣାଯାଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅଧିକରୁ ଅଧିକ ସାଧାରଣ ଲୋକ ଯେପରି ସୁବିଧା ପାଇପାରିବେ, ସେ ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ. ମହାପାତ୍ର, ଅର୍ଥ ବିଭାଗର ପ୍ରମୁଖ ସଚିବ ଶ୍ରୀ ଅଶୋକ ମୀନା ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି ) ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ଏବଂ ପୂର୍ତ ସଚିବ ଶ୍ରୀ କିଷନ କୁମାର ଭିତିଭୂମି ବିକାଶ ସଂପର୍କରେ ଉପସ୍ଥାପନା ଦେଇଥିଲେ ।

### ବର୍ଜ୍ୟବସ୍ତୁରୁ ଉର୍ଜା ଉତ୍ପାଦନ....

ଇଣ୍ଡିଆନ ଅଏଲ ସହଯୋଗରେ ଇର୍ଜା ଉତ୍ପାଦନ କରାଯିବ । ଜୈବିକ ବର୍ଜ୍ୟରୁ ସିବିଜି ଉତ୍ପାଦନ କରାଯିବା ସହ ପ୍ଲାଷ୍ଟିକର ପୁନଃବ୍ୟବହାର କରାଯାଇ ପ୍ଲାଷ୍ଟିକ କିମ୍ବା ସିନଗ୍ୟାସ ଉତ୍ପାଦନରେ ବ୍ୟବହାର ହେଉଥିବା ରିଫ୍ୟୁଜ୍ ଡିରାଇଭଡ୍ ଫ୍ୟୁଏଲ (ଆରଡ଼ିଏଫ)ର ମଧ୍ୟ ଉତ୍ପାଦନ କରାଯିବ । ଏହି ପ୍ଲାଂଟରେ ଦୈନିକ ୨୫୦୦ ମିଲିୟନ ଟନର ବର୍ଜ୍ୟ ବସ୍ତୁ ପ୍ରକ୍ରିୟାକରଣ କରାଯାଇ ଉର୍ଜା ଉତ୍ପାଦନ ହେବ । ମହାନଗର ନିଗମର କଠିନ ବର୍ଜ୍ୟବସ୍ତୁ(ଏମଏସଡବ୍ଲ୍ୟୁ)ର ପରିଚାଳନା ଦିଲ୍ଲୀରେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି ଏବଂ ପ୍ରସ୍ତାବିତ ଏହି ପ୍ଲାଂଟ୍ ଏହାର ସମାଧାନ କରିବା ସହ ଦିଲ୍ଲୀକୁ ସବୁଜ ଇନ୍ଧନ ମାର୍ଗରେ ନେବ । ସଙ୍କୋଚିତ ବାୟୋଗ୍ୟାସ୍ କିମ୍ବା ସିବିଜି ସମେତ ବିଭିନ୍ନ ରୂପରେ ବିକଳ୍ପ ଶକ୍ତି ଉତ୍ପାଦନ ପାଇଁ ଜୈବ ଇନ୍ଧନର ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରି ଇନ୍ଧନ ଉପରେ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ଏହି ଏମଓୟୁ କାର୍ଯ୍ୟକ୍ରମରେ ଦିଲ୍ଲୀର ଉପରାଜ୍ୟପାଳ ଅନିଲ ବାଇଜଲ, ଏନଡ଼ିଏମସିର ମେୟର ଜୟ ପ୍ରକାଶ, ଏନଡ଼ିଏମସିର କମିଶନର ଜ୍ଞାନେଶ ଭାରତୀ, ଇଣ୍ଡିଆନ ଅଏଲର ଅଧ୍ୟକ୍ଷ ଏସ.ଏମ ବୈଦ୍ୟ ଏବଂ ଇଣ୍ଡିଆନ ଅଏଲ ଓ ଏନଡ଼ିଏମସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଜେଲ୍‌ରେ ପ୍ରଦୀପଙ୍କୁ ....

ଆଇସିଆଇସିଆଇ ବ୍ୟାଙ୍କ ବ୍ରହ୍ମପୁର ଶାଖାରେ ଥିବା ଆକାଉଣ୍ଟରେ ବର୍ଷକ ମଧ୍ୟରେ ୨ କୋଟିରୁ ଅଧିକ ଟଙ୍କା ଜମା ନେଇ ଖୋଳତାଡ଼ କରିଛି ଭିଜିଲାନ୍ସ । ଏତେ ପରିମାଣର ଟଙ୍କା କେଉଁ ଉତ୍ସରୁ ଆସିଛି ଏହାର ଛାନଭିନ୍ କରିଛି ଭିଜିଲାନ୍ସ । ସୂଚନାଯୋଗ୍ୟ, ଡିସେମ୍ବର ୪ ତାରିଖରେ ପ୍ରଦୀପ ପାଣିଗ୍ରାହୀଙ୍କୁ ତାଙ୍କ ସରକାରୀ ବାସଭବନରୁ କ୍ରାଇମବ୍ରାଞ୍ଚ ଉଠାଇ ନେଇଥିଲେ । ବିନା ନୋଟିସ୍ ? ପ୍ରଦୀପଙ୍କୁ ଉଠାଇଥିବାରୁ ତାଙ୍କ ପତ୍ନୀ ସୁଜାତା ପାଣିଗ୍ରାହୀ ରାଜ୍ୟସରକାରଙ୍କ ଉପରେ ବର୍ଷିଥିଲେ । ମୋ ସ୍ୱାମୀ କଣ ନକ୍ସଲ ? ତାଙ୍କର କିଛି ହେଲେ ମୁଖ୍ୟମନ୍ତ୍ରୀ ଦାୟୀ, ଜଣେ ନକ୍ସଲକୁ ଉଠାଇ ନେଲା ଭଳି ବ୍ରିଗେଡ ଲଗାଇ ଉଠାଇ ନେଲେ ବୋଲି ସୁଜାତା ପ୍ରଶ୍ନ କରିଥିଲେ । ଟାଟାରେ ଚାକିରି କରାଇଦେବା ନାଁରେ ଆକାଶ ପାଠକ ଓ ତାଙ୍କ ଭାବି ଶ୍ୱଶୁର ପ୍ରଦୀପ ପାଣିଗ୍ରାହୀ ଶିକ୍ଷିତ ଯୁବକଙ୍କୁ ଠକିଛନ୍ତି । ଏହି ଘଟଣା ପଦାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ପ୍ରଦୀପଙ୍କୁ ଦଳରୁ ବହିଷ୍କାର କରିଥିଲେ । ଏହାପରେ ଏହି ମାମଲାର ତଦନ୍ତ ପାଇଁ ଲୋକାୟୁକ୍ତଙ୍କୁ ସୁପାରିସ୍ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଲୋକାୟୁକ୍ତ ଗଠନ ପରେ ପ୍ରଥମ ଭାବେ ମାମଲାର ତଦନ୍ତ ପାଇଁ ସୁପାରିସ କଲେ ରାଜ୍ୟ ସରକାର । ପରେ କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ତାଙ୍କ ସରକାରୀ ଆବାସରୁ ଉଠାଇ ନେଇଥିଲା । ଏହାପରେ ପ୍ରାୟ ଦେଢ ମାସରୁ ଉର୍ଦ୍ଧ୍ୱ ହେବ ଝାରପଡ଼ା ଜେଲ୍ ?ରେ ଅଛନ୍ତି ପ୍ରଦୀପ ପାଣିଗ୍ରାହୀ ।

### ରାଜ୍ୟ ସରକାର ଚାଷୀ ନୁହେଁ .....

ରାଜ୍ୟ ସରକାର ମିଲର ମାନଙ୍କୁ ଅରୁଆ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ଯେତେ ଅରୁଆ ଚାଉଳ ଦେବେ କେନ୍ଦ୍ର କିଣିବାକୁ ପ୍ରସ୍ତୁତ ଅଛି ବୋଲି ଏଫସିଆଇ ଚିଠିରେ ଉଲ୍ଲେଖ ରହିଛି । କିନ୍ତୁ ବିଜେଡି ବିଧାୟକମାନେ ପ୍ରେସମିଟରେ ଏହି କଥାକୁ ଲୁଚାଇ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ବୋଲି ଡ.ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ଓଡିଶାର ଲକ୍ଷ ଲକ୍ଷ ଚାଷୀ ଧାନ ଧରି ରାଜରାସ୍ତାରେ ବସିଛନ୍ତି । ଏହା ସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ଧାନକୁ କିଣୁ ନାହାଁନ୍ତି । କେନ୍ଦ୍ରସରକାର ଧାନ ମଣ୍ଡିଗୁଡିକରେ ଭିତିଭୂମି, ପାନୀୟ ଜଳ, ଧାନ ଅଖା, ସୁତୁଲି ଏବଂ ଯିବା ଆସିବା ଖର୍ଚ୍ଚ ପାଇଁ ପର୍ଯ୍ୟାପ୍ତ ଅର୍ଥ ଦେଉଥିବାବେଳେ ବିଭିନ୍ନ ଆରଏମସି, ପ୍ୟାକ୍ସ, ଲ୍ୟାମ୍ପସ ପାଖରେ କୋଟି କୋଟି ଟଙ୍କା ପଡିରହିଛି । ଏହି ଅର୍ଥ କାହିଁକି ଖର୍ଚ୍ଚ କରାଯାଉନାହିଁ ରାଜ୍ୟ ସରକାର ଓଡିଶାବାସୀଙ୍କ ଆଗରେ ସ୍ପଷ୍ଟ କରନ୍ତୁ ବୋଲି ଡ.ସାମନ୍ତସିଂହାର ଦାବି କରିଛନ୍ତି । ଏହି ଅବସରରେ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ସୁରଥ ବିଶ୍ୱାଳ ଉପସ୍ଥିତ ଥିଲେ ।

### ଘୋଷଣା ହେଲା ବିଜେପି ....

ଦାୟିତ୍ୱ ନ୍ୟସ୍ତ ହୋଇଛି । ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଶୁଭେନ୍ଦୁ ବ୍ରହ୍ମା, କାଳିପ୍ରସାଦ ମହାନ୍ତି, ଲକ୍ଷ୍ମଣ ତ୍ରିପାଠୀ, ପିନିଟି କ୍ରାନ୍ତି,ବିଶ୍ୱଜିତ ସିଂ, ଲଲାଟ ସାମଲ, ଅଭୟ ପାତ୍ର, ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ ଯାଦବ, ସୁଧୀର କୁମାର ବ୍ରହ୍ମା, ସୁବାଶିଷ ସାହୁ, ରୋଶନ ସାହୁ, ସୁଧାଂଶୁ ଜେନା, ସଜୁ ସରକାର, ସୁମନ୍ତ ବେହେରା, ରାଜେନ୍ଦ୍ର ଗୌଡ଼, ସରୋଜ ଭଞ୍ଜ, ଯଜ୍ଞ ପ୍ରସାଦ ସାହୁ, ସ୍ୱୟ ସେବକ ରାୟ, ଅଭିଜିତ ମିଶ୍ର, ପ୍ରାଣବନ୍ଧୁ ଦାସ, ବାଳୁ ଶିକା, ଅଶ୍ୱିନୀ ସାହୁ, ସନ୍ତୋଷ କୁମାର ବିଶ୍ୱାଳ, ଅମରେନ୍ଦ୍ର ରଣସିଂହ, ସୁନୀଲ ସ୍ୱାଇଁ, ଉମେଶ ଖୋସଲା, ଅମୃତ ମହାନ୍ତି, ସିଦ୍ଧାର୍ଥ ରାଉତରାୟ, ସୌମ୍ୟ ରଞ୍ଜନ ଲେଙ୍କା, ସୁରଜ ପାଇକରାୟଙ୍କୁ ଦାୟିତ୍ୱ ଦିଆଯାଇଛି । ଯୁବମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ଫାଲଗୁନୀ ସବର, କୀର୍ତ୍ତିରଞ୍ଜନ ପଟ୍ଟନାୟକ, ଦୀପକ କୁମାର ପ୍ରଧାନ, ଆନନ୍ଦ ରାମ, ଭାରତ ବିଶ୍ୱକର୍ମା, ସତ୍ୟରଞ୍ଜନ ଭୂୟାଁ, ପ୍ରକାଶ ମଲ୍ଲିକ, ପ୍ରଭୁଦତ୍ତ ପଣ୍ଡା, ରାଜୁ ସାହୁ, ଅଂଶୁଳ ପଟେଲ, ରତନ କୁମାର ଦିଗଲ, ନରସିଂହ ସିଂ, ରବିନ୍ଦ୍ର କୁମାର ପୁହାଣଙ୍କୁ ମନୋନୀତ କରାଯାଇଛି ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଆଚାର୍ଯ୍ୟ ଘୋଷଣା କରିଛନ୍ତି ।

### ଜଳି ଜଳି ଖାଣ୍ଟି ସୁନା....

ହେଲେ କଷ୍ଟ ଯେତେ ଆସୁନା କାହିଁକି, ସ୍ୱପ୍ନ ସାକାର ହେବ ହିଁ ହେବ ଏ ସାହାସର ରଜ୍ଜୁରେ ବନ୍ଧା ଉଭୟ ଦୀପକ ଓ ବାପା ଅବିନାଶ । ତେବେ ଦୀପକଙ୍କୁ ମେଧାବୀ କରାଇବାରେ ଯାହାଙ୍କର ନିରବଚ୍ଛିନ୍ନ ପ୍ରୟାସ, ଦୀପକଙ୍କୁ ଡାକ୍ତର କରାଇବା ପଛରେ ଯାହାଙ୍କ ଅଜସ୍ର ଆଶିର୍ବାଦ ସେ ଯେ ମାଆ ରଞ୍ଜୁଲତା ଏକଥା ବୁଝିବାକୁ ଜମାରୁ ବାକି ନାହିଁ । ପୁଅର ପାଠ ପଢ଼ା ପାଇଁ ସିଏ ଦୁଇ ଝିଅଙ୍କ ପାଠରେ ଅଧାରୁ ଡୋରି ବାନ୍ଧିବାକୁ ବାଧ ହୋଇଛନ୍ତି, ଅନେକ ରାତି ଅଧା ପେଟରେ ବି ଶୋଇଛନ୍ତି । ସାହୁକାରଠୁ ଋଣ ଆଣି ପୁଅକୁ ମେଡିକାଲ ପଢିବାକୁ ନାଁ ଲେଖାଇବାକୁ ବି ଦେଇଛନ୍ତି । ତେବେ ସବୁଦିନ ଭଳି ଖଣ୍ଡେ ଆଳୁ ସିଝା ସହ ମୁଠାଏ ପଖାଳ ନିଜ ହାତରେ ଖୁଆଇ ଦେଉ ଦେଉ ପୁଅକୁ ଯେଉଁ ମଣିଷ ପଣିଆର ପାଠ ପଢ଼ାଉଛନ୍ତି ସେ କଥା କେବଳ ତାଙ୍କ ମୁହଁରୁ ଶୁଣିଲେ ହିଁ ବିଶ୍ୱାସ ବଢ଼ିବ, ସମାଜକୁ ନୂଆ ଦିଶା ଦେବ । ଆର୍ଥିକ ଅନଟନର ଅକ୍ଟୁଆ ଜାଲକୁ ଛିଡ଼ାଇ ବସ୍ତିରୁ ବଡ଼ ମେଡିକାଲ ପଢ଼ିବାକୁ ଯାଉଥିବା ଦୀପକ ପିଲାଟିବେଳୁ ମେଧାବୀ । ମାଟ୍ରିକ୍ ?ରେ ୯୩ ପ୍ରତିଶତ ଆଉ ଯୁକ୍ତ ଦୁଇ ବିଜ୍ଞାନରେ ୮୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ସାଙ୍ଗକୁ ପ୍ରଥମ ଚାନ୍ସରେ ନିଟ୍ କ୍ୱାଲିଫାଏ । ଜଣେ ଭଲ ଡାକ୍ତର ହୋଇ ତାଙ୍କ ଭଳି ଗରିବଙ୍କ ସେବା କରିବାର ପଣ କରିଥିବା ଦୀପକ ଯେ ଅନ୍ୟ ଛାତ୍ରମାନଙ୍କ ପାଇଁ ଜଣେ ଅବିରତ ଜଳୁଥିବା ଦୀପ ସଦୃଶ । ଏକଥାକୁ ଠିକ୍ ବୁଝିଛନ୍ତି ତାଙ୍କ ପଡ଼ୋଶୀ, ସହପାଠୀ ଓ ଶିକ୍ଷକ ।

## ଆଦର୍ଶ ଶିକ୍ଷକ ତଥା ସୁଲେଖା ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ ହେଲେ କବି ଭାଗବତ ପଣ୍ଡା




ବାରିପଦା,୧୯।୦୧ (ନି.ପ୍ର): ଶ୍ରୀକ୍ଷେତ୍ରରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା "ସୁଲେଖା" ଓ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦର ୪୦ତମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ରାଜ୍ୟ ସ୍ତରୀୟ କବି, ଲେଖକ ସମ୍ମେଳନ ଓ ସମ୍ମାନପ୍ରଦାନ ସମାରୋହ ପୁରୀସହରସ୍ଥ ହୋଟେଲ ନାୟକ ବିଚ୍ ରିସୋର୍ଟ ସମ୍ମିଳନୀ କକ୍ଷରେ ବାରିପଦାରୁ ଦୀର୍ଘ ୩୯ବର୍ଷ ଧରି ପ୍ରକାଶ ପାଉଥିବା "ପ୍ରତିଶ୍ରୁତି" ତ୍ରୈମାସୀ ପତ୍ରିକାର ପ୍ରତିଷ୍ଠତା ସମ୍ପାଦକ, ରାଜ୍ୟ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ବିଶିଷ୍ଟ କବି ତଥା ଜଗନ୍ନାଥ ସଂସ୍କୃତିର ପ୍ରରକ ଭାଗବତ ପଣ୍ଡାଙ୍କୁ ଆଦର୍ଶ ଶିକ୍ଷକ ଓ ସୁଲେଖା ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି । ସୁଲେଖାର ସମ୍ପାଦକ ସଦାଶିବ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ରାଜନେତା ବ୍ରଜକିଶୋର ତ୍ରିପାଠୀ ମୁଖ୍ୟ ଅତିଥି, ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରାଳୟ ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରୋଫେସର ଡ. ବସନ୍ତ କୁମାର ପଣ୍ଡା ଉଦ୍‌ଘାଟକ, ଶ୍ରୀମନ୍ଦିର ସେବାୟତ ତଥା ଶିଳ୍ପପତି ଗିରିଶ ନାୟକ ଏବଂ ପ୍ରଖ୍ୟାତ ସାହିତ୍ୟିକ ଓ ସ୍ତମ୍ଭକାର ଦାଶ ବେନ୍‌ହୁର୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ମାନପତ୍ର, ଉପଢୌକନ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଦୀର୍ଘ ସାରସ୍ୱତ ଜୀବନ କାମନା କରିଥିଲେ । ପ୍ରକାଶ ଥାଉକି ଶ୍ରୀ ପଣ୍ଡା ଗତ ୧୪ ତାରିଖ ମକର ସଂକ୍ରାନ୍ତି ଅବସରରେ ଫକୀରମୋହନ ସାହିତ୍ୟ ପରିଷଦ ବାଲେଶ୍ୱର ଓ ସାରସକଣାର ନନ୍ଦିଘୋଷ ସାହିତ୍ୟ ସମାଜ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ । ପୂର୍ବରୁ ଶ୍ରୀ ପଣ୍ଡା ଆଧ୍ୟାତ୍ମିକ ପ୍ରବଚନ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମିତ୍ତ ଗଜପତି ଦିବ୍ୟସିଂହ ଦେବଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ସମ୍ମାନିତ ହେବା ସହିତ ଓଡିଶାର ବହୁ ସାରସ୍ୱତ ଅନୁଷ୍ଠାନ ତରଫରୁ ବିବିଧ ସମ୍ମାନ ଓ ପଦବୀ ପ୍ରାପ୍ତ ହୋଇଛନ୍ତି । ତାଙ୍କର ଏହି ସମ୍ମାନ ପାଇଁ ତାଙ୍କୁ ବହୁ ଶୁଭେଚ୍ଛୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ଶିକ୍ଷାବିତ୍ ମଧୁସୁଦନ ଜେନାଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା




ଭଦ୍ରକ,୧୯।୦୧ (ନି.ପ୍ର): ଭଦ୍ରକ ସହର ପୁରୁଣା ବଜାର ସ୍ଥିତ ନାରାୟଣ ଚନ୍ଦ୍ର ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ମଧୁସୂଦନ ଜେନାଙ୍କ ୨୯ତମ ସ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ମଧୁସୂଦନ ଜେନା ସ୍ମୃତି କମିଟି ତରଫରୁ ଭାଗବତ କଲ୍ୟାଣ ମଣ୍ଡପ ଠାରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଅଧିବକ୍ତା ନିରାକାର ଜେନା, ବରେଣ୍ୟ ଅତିଥି ଭାବେ ଭାରତୀୟ ଚିକିତ୍ସକ ସଂଘ, ଭଦ୍ରକ ଶାଖାର ସଂପାଦକ ଡା. ହରେକୃଷ୍ଣ ନାୟକ ଓ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ଯୋଗ ଦେଇଥିଲେ । ସର୍ବପ୍ରଥମେ କରୋନା ମହାମାରୀରେ ପ୍ରାଣ ହରାଇଥିବା ଭଦ୍ରକର ବିଶିଷ୍ଟ ଅଧିବକ୍ତା ତଥା ନାରାୟଣ ଚନ୍ଦ୍ର ହାଇସ୍କୁଲର ପୁରାତନ ଛାତ୍ର ସ୍ୱର୍ଗତ ଗୋଲକ ପ୍ରସାଦ ରାୟଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଗୁରୁବନ୍ଦନା ପରିବେଷଣ କରାଯାଇଥିଲା । ପୁରାତନ ଛାତ୍ର ସଂସଦର ସଂପାଦକ ପରମାନନ୍ଦ ଦାସ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଏହି ସ୍ମୃତିଚାରଣ ସଭାରେ ମନୋରଞ୍ଜନ ମହାନ୍ତି, ଡ଼ ବାଇଧର ସାହୁ, ଶାନ୍ତନୁ ରାଉତ, ରତନଲାଲ ସାହୁ, ଅଧାପିକା ଡ଼ ରାଧାରାଣୀ ମହାପାତ୍ର, ଅବଦୁଲ କାସିମ୍ ଖାଁ, ଅଧାପକ କମଳାକାନ୍ତ ସ୍ୱାଇଁ, ଶିକ୍ଷାବିତ ଗଗନ ବିହାରୀ ରାଉତ, ଅନାଦୀ ଦାସ ପ୍ରମୁଖ ମଧୁସୂଦନ ଜେନାଙ୍କ ବିଭିନ୍ନ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ । ପ୍ରତିବର୍ଷଭଳି ନାରାୟଣ ଚନ୍ଦ୍ର ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁଶ୍ରୀ ଅଞ୍ଜୁମଆରାଙ୍କୁ ଅଧିବକ୍ତା ନିରାକାର ଜେନା ପୁରସ୍କୃତ କରିଥିଲେ ।

# ସୀମାନ୍ତ ଗ୍ରାମକୁ ଯିବ ଗୃହ କମିଟି

ଭୁବନେଶ୍ୱର,୧୯।୦୧ (ନି.ପ୍ର): ସୀମାନ୍ତ ଗ୍ରାମ ଗୁଡିକରେ ବାସ୍ତବ ସମସ୍ୟା ଉପରେ ଅବଗତ ହେବା ପାଇଁ ଗୃହ କମିଟି ସୀମା ବିବାଦ ଥିବା କୋଟିଆ ଗ୍ରାମପୁଞ୍ଜ ସହ ଅନ୍ୟାନ୍ୟ ଅଂଚଳ ଗସ୍ତ କରିବ। ବିଧାନସଭା ଗୃହ କମିଟି ବୈଠକରେ ଏହି ନିଷ୍ପତି ନିଆଯାଇଛି। ଗୃହ କମିଟିର ପରବର୍ତୀ ବୈଠକରେ ରାଜସ୍ୱ ଆଇନ, ଗୃହ ଏବଂ ପଂଚାୟତିରାଜ ବିଭାଗର ସଚିବମାନେ ଯୋଗଦେଇ ସଂପୃକ୍ତ ଅଂଚଳରେ କିଭଳି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ ହୋଇଛି, ସେ ସଂପର୍କରେ ଗୃହ କମିଟିକୁ ଅବଗତ କରିବେ । ମଙ୍ଗଳବାର ଦିନ ଓଡ଼ିଶା ବିଧାନସଭା ଗୃହ କମିଟି ବୈଠକ ବିଧାନସଭା ନୂତନ ସମ୍ମିଳନୀ କକ୍ଷରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼ ପ୍ରଭୃତି ପଡ଼ୋଶୀ ରାଜ୍ୟ ସହ ଲାଗି ରହିଥିବା ସୀମା ବିବାଦ ଉପରେ ବିଶଦ ଆଲୋଚନା ହୋଇଥିଲା । ସୀମା ବିବାଦ ସଂପର୍କିତ ସୁପ୍ରିମକୋର୍ଟରେ ବକେୟା ଥିବା ମାମଲାର ବର୍ତମାନ ସ୍ଥିତି ଉପରେ ବାଚସ୍ପତି ଜାଣିବାକୁ ଚାହିଁଥିଲେ ଏବଂ ପରବର୍ତୀ ବୈଠକରେ ଏ ସଂପର୍କିତ ସବିଶେଷ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ନଭେମ୍ବର ୭, ୨୦୧୯ରିଖ ଦିନ ଗୃହକମିଟି ବୈଠକରେ ଗୃହୀତ ହୋଇଥିବା ନିଷ୍ପତିର ଅନୁପାଳନ ବିବରଣୀ ମଧ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ସୀମା ବିବାଦ ଥିବା ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟେକ ମାସରେ ଅନ୍ତତଃ ଥରେ ସୀମା ବିବାଦ ଥିବା ପ୍ରତିପକ୍ଷ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ବୈଠକ କରି ଆଲୋଚନା କରିବାକୁ ଗୃହକମିଟି ସଦସ୍ୟମାନେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଦେଇଥିଲେ। ଏ ସଂକ୍ରାନ୍ତରେ ଏ ପର୍ଯ୍ୟନ୍ତ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ତଥ୍ୟ ରାଜସ୍ୱ ଆୟୁକ୍ତ ଏବଂ ମୁଖ୍ୟ ଶାସନ ସଚିବ ଗୃହକମିଟିକୁ ଅବଗତ କରିବେ। ସୀମା ଗ୍ରାମଗୁଡ଼ିକର ୫ କିମି ଦୂରତା ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଆଇନଶୃଙ୍ଖଳା, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତିଭୂମିର ବିକାଶ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

## ବିପୁଳ ପରିମାଣର ଚୋରାମଦ ଜବତ : ଜଣେ ଗିରଫ



ବାଲେଶ୍ୱର,୧୯।୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ସିମୁଳିଆ ଥାନା ଅନ୍ତର୍ଗତ ମଞ୍ଜୁରି ଅଞ୍ଚଳରେ ଚଢ଼ଉ ହୋଇ ଜଣେ ଚୋରା ମଦ ବେପାରୀକୁ ଗିରଫ ସହ ୯ ଶହ ଲିଟର ଦେଶୀମଦ ଜବତ୍ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନଛିପୁର ଅଞ୍ଚଳର ଭୀମା ବେହେରାଙ୍କୁ ପୁତ୍ର ରଘୁନାଥ ବେହେରା (୩୫)। ସେ ସିମୁଳିଆ ଅଞ୍ଚଳକୁ ଆସି ବେପାରୀମାନଙ୍କୁ ମଦ ଯୋଗାଇଥାଏ ବୋଲି ଅବକାରୀ ବିଭାଗ ନିକଟରେ ପୂର୍ବରୁ ସୂଚନା ଥିଲା। ବହୁବାର ଚେଷ୍ଟା କରି ମଧ୍ୟ ତାକୁ ଧରିବାରେ ଅବକାରୀ ଟିମ ସଫଳ ହୋଇନଥିଲା। ତେବେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ସ୍କ୍ୱାର୍ଡ ଇନ୍‌ସ୍ପେକ୍ଟର ଗାଲୁରାମ ସୋରେନ୍‌ଙ୍କ ନେତୃତ୍ୱରେ ଆଜି ଚଢ଼ଉ ହୋଇଥିଲା ଅଭିଯୁକ୍ତ ରଘୁନାଥକୁ ଗିରଫ କରାଯାଇଥିଲା। ଏନେଇ ୧୦୫/୨୦୨୦-୨୧ ନଂର ମାମଲା ରୁଜୁ ସହ ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଶେଖ୍ କଲିମ, ପ୍ରହ୍ଲାଦ ବିଶ୍ୱାଳ, ଅଜିତ କୁମାର ଜେନା, ରଶ୍ମିରେଖା ପାତ୍ର, ବିଦ୍ୟାଧର ବିନ୍ଧାଣୀ ପ୍ରମୁଖ ଏହି ଚଢ଼ଉରେ ସାମିଲ ହୋଇଥିଲେ।

## ଉମାଅର୍ଜୁନ ବାଳିକା ଉଚ୍ଚବିଦ୍ୟାଳୟ ପରିଦର୍ଶନରେ ନୀଳଗିରି ବିଧାୟକଙ୍କ



ନୀଳଗିରି,୧୯।୦୧ (ନି.ପ୍ର): ନୀଳଗିରି ବ୍ଲକ ଅଧିନସ୍ଥ ସିଆଡ଼ିମାଳ ପଂଚାୟତର ଚତରସାହିରେ ଅବସ୍ଥିତ ଉମାଅର୍ଜୁନ ବାଳିକା ଉଚ୍ଚ ବିଦ୍ୟାଳୟର ପାନୀୟ ଜଳ ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପରିଦର୍ଶନ ରେ ଯାଇଥିଲେ । ବିଧାୟକଙ୍କ ସହ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ରଞ୍ଜନ ଗିରି ଯାଇ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ । ବିଶେଷ କରି ଉକ୍ତ ବିଦ୍ୟାଳୟର ଝିଅ ପିଲାମାନେ ପଢୁଥିବାରୁ ପାନୀୟ ଜଳ ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି । ଖୁବଶୀଘ୍ର ପାନୀୟ ଜଳର ସମସ୍ୟା ସମାଧାନ ହେବ ବୋଲି ବିଧାୟକ ପ୍ରତିଶୃତି ଦେଇଛନ୍ତି। ଏହି ଗସ୍ତ ସମୟରେ ସ୍କୁଲରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନିତା ପାତ୍ର, ଶିକ୍ଷକ ବିଜୟ ଆଗ୍ରର୍ଯ୍ୟ, ଶ୍ରୀକାନ୍ତ ଗୋଛାୟତ, ବାସନ୍ତୀ ଲତା ଆଚାର୍ଯ୍ୟ, ଶାନ୍ତିଲତା ସ, ରାଜୀବ ଦାସବାବୁ ପ୍ରମୁଖ ଉପସ୍ଥିତ ରହି ସମସ୍ୟା ସଂପର୍କରେ ଅବଗତ କରିଥିଲେ ।

## ଫିଆଟ ଲକ୍ସ ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚର ଅଷ୍ଟମ ଦିନ

ନୀଳଗିରି,୧୯।୦୧ (ନି.ପ୍ର): ନୀଳଗିରି ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ଫିଆଟ ଲକ୍ସ କ୍ଲବ ତରଫରୁ ଫିଆଟ ଲକ୍ସ ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚର ଅଷ୍ଟମ ଦିନରେ ପ୍ରଥମାର୍ଦ୍ଧ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଇଂ. ଅମୂଲ୍ୟ କୁମାର ଜେନା ଉପସ୍ଥିତ ରହି ପ୍ରତି ଯୁବମାନସରେ ଖେଳୁଆଡ଼ ମନୋଭାବ ରଖି ଖେଳ ପ୍ରଦର୍ଶନ କଲେ ଯୁବସମାଜ ଆଗକୁ ଯାଇ ପାରିବ ବୋଲି ନିଜ ବକ୍ତବ୍ୟରେ ଶାଣିତ କରିଥିଲେ । ପ୍ରଥମାର୍ଦ୍ଧ ମ୍ୟାଚ ଲାଗର ୱରିଅରସ ସହିତ କେ.ଆର. ଫାଇଟର୍ସ ମଧରେ ଅନୁଷ୍ଠିତ ହୋଇଥିବା ବେଳେ ୨୪ରନରେ ଲାଗର ୱରିଅରସ ବିଜୟୀ ହୋଇଛି । ଖେଳର ଦ୍ୱିତୀୟ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉପସ୍ଥିତ ରହି କ୍ଲବର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ଯୁବପିଢ଼ୀଙ୍କୁ ଖେଳୁଆଡ଼ ମନୋବୃତି ନେଇ କ୍ଲବ ସୁଯୋଗ ଦେଇଥିବାରୁ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ । ଦ୍ୱିତୀୟ ମ୍ୟାଚ ୟୁନାଇଟେଡ ସୁପର ଇଲେଭେନ ସହିତ ମହାବିର ସିକ୍‌ସରସ ମଧରେ ଅନୁଷ୍ଠିତ ହୋଇଥିଲା । ଖେଳରେ ୟୁନାଟାଇଟେଡ ସୁପର ଇଲେଭେନ୍ ୬ ୱିକେଟ୍‌ରେ ବିଜୟ ଲାଭ କରିଛି । ଏହି ଅବସରରେ କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି, ସଂପାଦକ ସବ୍ୟସାଚୀ ମହାପାତ୍ର, ଶିଶିର ରାଉତ, ଭାସ୍କର ବିଶ୍ୱାଳ, ମାନସ ପାଢ଼ୀ, ରାଜୀବ ମହାପାତ୍ର, ଅଭିଷେକ ବେହେରା, ବିଜୟ ଲେଙ୍କା, ଶୁଭ୍ରାଂଶୁ ଶେଖର ନନ୍ଦ, ରାଜେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବିଜୁ ମହିଳା ଜନତା ଦଳର ପ୍ରତିବାଦ ସଭା



ବାରିପଦା,୧୯।୦୧ (ନି.ପ୍ର): ଆଜି ବିଜୁ ମହିଳା ଜନତା ଦଳ ମୟୂରଭଂଜ ତରଫରୁ ସ୍ଥାନୀୟ ବଡ ଜଗନ୍ନାଥ ମନ୍ଦିର ନିକଟରୁ ଏକ ପଦଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରି ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନ ଠାରେ ସମାପ୍ତ ହୋଇଥିଲା। ଗତ ୧୨.୧.୨୦୨୧ ତାରିଖ ଦିନ ପ୍ରୟାସ ହଲର ଦିଶା ମିଟିଂ ରେ ଓଡିଶାର ପ୍ରବାଦ ପୁରୁଷ ବରେଣ୍ୟ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଅପଶବ୍ଦ ତଥା କଟୁ ସମାଲୋଚନା କରିଥିଲେ। ଏହାକୁ ପ୍ରତିବାଦ କରି ଆଜି ମୟୂରଭଂଜର ବିଜୁ ମହିଳା ସଂଗଠନ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତଙ୍କ ନେତୃତ୍ୱରେ ମହିଳା ସଭାପତି ବୀଣାପାଣୀ ସାହୁଙ୍କ ଆବାହକରେ ସଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାଯାତ୍ରାରେ ବହୁସଂଖ୍ୟାରେ ମହିଳାମାନେ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଲୋକସଭା ସାଂସଦ ବିଶେଶ୍ୱର ଟୁଡୁ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁଜାତା ମୁର୍ମୁଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍, ବାରିପଦା ବ୍ଲକ୍ ଉପାଧ୍ୟକ୍ଷା ପାର୍ବତୀ ହେମ୍ବ୍ରମ୍ , ପୂର୍ବତନ ଉପନଗରପାଳ ଦୀପ୍ତୀଲତା ମିଶ୍ର, କାର୍ଯ୍ୟକାରୀ ସଭାନେତ୍ରୀ ସବିତା ବେହେରା , ମହିଳା ପର୍ଯ୍ୟବେକ୍ଷକ ଉର୍ମିଳତା ଦାସ, କମଳା ତିରିଆ, ପ୍ରୀତିନନ୍ଦା କାନୁନ୍‌ଗୋ, ବିଷ୍ଣୁପ୍ରିୟା ଦାସ, ସମ୍ପା ମଜୁମଦାର, ଭାରତୀ ହାଁସଦା, କାଉନସିଲର ସୀମା ଦାସ, ଶ୍ରାବଣୀ ଦାସ, ଗୀତାରାଣୀ ବେହେରା, ଦୁର୍ଗାମଣୀ ଆଚାର୍ଯ୍ୟ, ରାଜକୁମାରୀ ଦଳବେହେରା, ପ୍ରଭାତୀ ପୃଷ୍ଟି, କମଳା ଭଂଜ, ଦ୍ରୌପଦୀ ସାହୁ, ଭଗବତି ଗୁପ୍ତା, ମମତା ବେହେରା , ମାନୀ ଗିରି, ଅମ୍ବିକା ମହାନ୍ତି, ଅଂଜଳି ଦାସ, ତପସ୍ୱିନୀ ସାହୁ, ତାପସୀ ଜେନା, ସୁନୀତା ରାୟ, ସପିନା ବିବି, ମଧୁଲିତା ପାତ୍ର, ଅମୃତା ରେଖା ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ସଦର ବ୍ଲକରେ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ପ୍ରଦାନ

ବାଲେଶ୍ୱର,୧୯।୦୧ (ନି.ପ୍ର): ସଦର ବ୍ଲକ ପକ୍ଷରୁ ନୂତନ ମଧୁବାବୁ ପେନସନ ହିତାଧିକାରୀ ଭତ୍ତା ବଣ୍ଟନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାରେ ସମସ୍ତ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ବିଧବାଙ୍କୁ ଭତ୍ତା ଦିଆଯିବ ବୋଲି ସେମାନେ କହିଥିଲେ। ଏହି ଯୋଜନାର କୌଣସି ସଂଖ୍ୟାର ସୀମା ନାହିଁ ବୋଲି ବିଧାୟକ ଦ୍ୱୟ ସୂଚନା ଦେଇଥିଲେ। ସଦର ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ ଏଥିରେ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ, ବିଡିଓ, ଏବିଡିଓ, ବିଜେଡି ବ୍ଲକ ସଭାପତି ବସନ୍ତ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଭତ୍ତା ବଣ୍ଟନ କାର୍ଯ୍ୟକୁ ପରିଚାଳନା କରିଥିଲେ। ଏଥିରେ ୨୩୩ ଜଣ ନୂତନ ହିତାଧିକାରୀ ଭତ୍ତା ପ୍ରଦାନ କରାଯାଇଥିଲା।

### ଜାତୀୟ ସଡ଼କ ସୁରକ୍ଷା ମାସ ପାଳନର ଦ୍ୱିତୀୟ ଦିବସ

## ବସ ମାଲିକ ସଂଘ ପକ୍ଷର ଚକ୍ଷୁ ପରୀକ୍ଷା ଶିବିର



ବାଲେଶ୍ୱର,୧୯।୦୧ (ନି.ପ୍ର): ଆଞ୍ଚଳିକ ପରିବହନ ବିଭାଗ ଏବଂ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ମିଳିତ ସହଯୋଗରେ ବାଲେଶ୍ୱରରେ ପାଳିତ ହେଉଥିବା ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ଦ୍ୱିତୀୟ ଦିବସରେ ମଙ୍ଗଳବାର ଦିନ ବିଭିନ୍ନ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ବସଷ୍ଟାଣ୍ଡ ପରିସରରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସଡ଼କ ସୁରକ୍ଷା ସପ୍ତାହରେ ଏଭଳି କାର୍ଯ୍ୟ ବେଶ ସ୍ୱାଗତ ଯୋଗ୍ୟ। ଡ୍ରାଇଭରଙ୍କ ଅଖି ଠିକ୍ ରହିବା ଦ୍ୱାରା ବହୁ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି ଶ୍ରୀ ଦଳ ବେହେରା ମତ ପ୍ରକାଶ କରିଥିଲେ। ଏମଭିଆଇ ବିଶ୍ୱଜିତ୍ ଦାସଙ୍କ ସମେତ ଘରୋଇ ବସ୍ ମାଲିକ ସଂଘର ସଭାପତି ମାଧବ ଚନ୍ଦ୍ର ମିଶ୍ର, ସମ୍ପାଦକ ଅଜୟ କୁମାର ବିଶ୍ୱାଳ, ଉପ-ସଭାପତି ମାନସ ରଞ୍ଜନ ପାତ୍ର, ସମ୍ପାଦକ ସୁରେଶ ଚନ୍ଦ୍ର ଜେନା, ଅନୀଲ କୁମାର କର ଓ ସୂର୍ଯ୍ୟକାନ୍ତ କର, ସହ-ସମ୍ପାଦକ କମଳାକାନ୍ତ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏହି ଶିବିରରେ ବିଶିଷ୍ଟ ଚକ୍ଷୁ ଚିକିତ୍ସକ ଡା. ଚିତ୍ତରଞ୍ଜନ ପରିଡ଼ା ଓ ତାଙ୍କ ସହଯୋଗୀ ଡି କେ ରାଉତ ଯୋଗଦେଇ ବହୁ ବସ ଡ୍ରାଇଭର ଏବଂ କର୍ମଚାରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରୋଜ କୁମାର ଷଡଙ୍ଗୀ, ଦୁଷ୍ମନ୍ତ ଦେ, ସୁଧାକୃଷ୍ଣ କର, ପ୍ରସନ୍ନଜିତ ଜେନା, ସଞ୍ଜୀବ କୁମାର ପଟ୍ଟନାୟକ, ଲକ୍ଷ୍ମୀଧର ରାଉତ, ବିକର୍ତ୍ତନ ଜେନା ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## 'ଅଭିଜ୍ଞାନ ଶାକୁନ୍ତଳମ୍ ଓ ପ୍ରଣୟ ବଲ୍ଲରୀ' ପୁସ୍ତକ ଲୋକାର୍ପିତ



ଭଦ୍ରକ,୧୯।୦୧ (ନି.ପ୍ର): ବିଶିଷ୍ଟ ସ୍ତମ୍ଭକାର, ସଂସ୍କୃତବିତ୍ ପୂର୍ବତନ ପ୍ରଶାସନକି ଅଧିକାରୀ ତଥା ଗବେଷକ ଦିବଂଗତ କରୋନା ଯୋଦ୍ଧା ଡ. ନରହରି ବେହେରାଙ୍କ ଗବେଷଣା ପୁସ୍ତକ 'ଅଭିଜ୍ଞାନ ଶକୁନ୍ତଳମ୍ ଓ ପ୍ରଣୟ ବଲ୍ଲରୀ' ପୁସ୍ତକର ଲୋକର୍ପଣ ଉତ୍ସବ ଆଜି ସନ୍ଧ୍ୟାରେ ଭଦ୍ରକ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ସମ୍ମାନିତ ଅତିଥି ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟବକ୍ତା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସେବାନିବୃତ ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁସ୍ତକର ଲୋକାର୍ପଣ କରିଥିଲେ। ଦିବଂଗତ କରୋନା ଯୋଦ୍ଧା ଡ. ବେହେରା ପ୍ରତିବର୍ଷ ବର୍ଣ୍ଣବୋଧ ଦିବସ ପାଳନ କରିବା ସହିତ ସ୍କୁଲର ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବଣ୍ଟନ କରି ଓଡ଼ିଆ ଭାଷା କିପରି ସୁଦୃଢ ହୋଇ ପାରିବ, ପିଲାମାନେ କିପରି ନିର୍ଭୁଲ ଓଡ଼ିଆ ଲେଖିବେ, କହିବେ ସେ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଥିଲେ। ସେ ଜଣେ ଦକ୍ଷ ପ୍ରଶାସକ, ଭାଷାବିତ୍ ହେବା ସହିତ ସଂସ୍କୃତ ଜ୍ଞାନରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ସେ ସଦାସର୍ବଦା ଜ୍ଞାନକୁ ନେଇ ଗବେଷଣା କରିଚାଲିଥିଲେ। ଜ୍ଞାନ ଆହରଣର ତୃଷା ତାଙ୍କର ମେଣ୍ଟି ପାରିଲା ନାହିଁ। ସେ ସବୁବେଳେ କହନ୍ତି ଶିକ୍ଷାର ସମାପ୍ତି ନାହିଁ। ଆଜି ବର୍ଣ୍ଣବୋଧ ଦିବସରେ ତାଙ୍କ ଗବେଷଣା ପୁସ୍ତକର ଲୋକର୍ପଣ ହେବା ଅତ୍ୟନ୍ତ ସୌଭାଗ୍ୟର କଥା। ଆଜି ନରହରି ବେହେରା ଇହଧାମରୁ ଚାଲିଯାଇଥିଲେ ମଧ 'ଅଭିଜ୍ଞାନ ଶାକୁନ୍ତଳମ୍ ଓ ପ୍ରଣୟ ବଲ୍ଲରୀ' ଭଳି ଏକ ଗବେଷଣାତ୍ମକ ପୁସ୍ତକ ତାଙ୍କୁ ଚିର ଅମର କରି ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ସୂର୍ଯ୍ୟବଂଶୀ ସୂରଜ ରାଜ୍ୟଯୁବମୋର୍ଚ୍ଚା ସୋସିଆଲ ମିଡିଆ ସଂଯୋଜକ



ଭଦ୍ରକ,୧୯।୦୧ (ନି.ପ୍ର): ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ବିଜେପି ଯୁବମୋର୍ଚ୍ଚା ସଭାପତି ଇରାସିସ ଆଚାର୍ଯ୍ୟ ସୋମବାର ଯୁବମୋର୍ଚ୍ଚା ଟିମ ଘୋଷଣା କରିଛନ୍ତି। ଏହି ତାଲିକାରେ ଭଦ୍ରକ ଜିଲ୍ଲାର ଯୁବନେତା ସୂର୍ଯ୍ୟବଂଶୀ ସୂରଜଙ୍କୁ ଯୁବମୋର୍ଚ୍ଚାର ରାଜ୍ୟ ସୋସିଆଲ ମିଡିଆ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସୋସିଆଲ ମିଡିଆ ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସଂଯୋଜକ ଭାବେ ଦାୟିତ୍ୱ ଗ୍ରହଣ କରି ସୂରଜ କହିଛନ୍ତି ଯେ ଜିଲ୍ଲା ତଥା ରାଜ୍ୟର ତୃଣମୂଳ ସ୍ତରରେ ଯୁବକମାନଙ୍କୁ ଏକତ୍ରିତ କରି ସଂଗଠନକୁ ଆହୁରି ସୁଦୃଢ଼ କରାଯିବ। ପଦ ଘୋଷଣା ପରେ ପ୍ରଥମେ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଆଚାର୍ଯ୍ୟ, ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ ତଥା ଭଦ୍ରକ ଜିଲ୍ଲା ପ୍ରଭାରୀ ତଥା ବିଜେପି ରାଜ୍ୟ ସଂପାଦକ କାଳନ୍ଦୀ ସାମଲଙ୍କୁ ସେ ତାଙ୍କର କୃତଜ୍ଞତା ଜଣାଇଛନ୍ତି।

## ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ତଥା ଛବିଳ ମଧୁ ବର୍ଣ୍ଣବୋଧର ପ୍ରଣେତା ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି - ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ତଥା ଛବିଳ ମଧୁ ବର୍ଣ୍ଣବୋଧର ପ୍ରଣେତା ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ଉତ୍କଳ ସାହିତ୍ୟ ସମାଜ ଜରିଆରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ସହ ଜଣେ ଆଦର୍ଶ ଶିକ୍ଷକ, କବି ଓ ସମାଜ ସଂସ୍କାରକ ଭାବେ ନିଜ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ।

## ଅସାମାଜିକ ଆଡ୍ଡାସ୍ଥଳୀ ପାଲଟିଛି ଫଂଚଲିଙ୍ଗେଶ୍ୱର ଶୈବପୀଠ ପୁଣି ନାବାଳିକାକୁ ଦୁଷ୍କର୍ମ : ଫାଣ୍ଡି ପ୍ରତିଷ୍ଠା କେବେ ?

ନୀଳଗିରି,୧୯।୦୧ (ନି.ପ୍ର): ଉତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଫଂଚଲିଙ୍ଗେଶ୍ୱର ଏବେ ପାଲଟିଯାଇଛି ଦୁଷ୍କର୍ମ ର ଆଡ୍ଡାସ୍ଥଳୀ । ଲଗାତାର ଭାବେ ଏଠାରେ ମହିଳା ଓ ନାବାଳିକାମାନଙ୍କୁ ଦୁଷ୍କର୍ମ ଘଟଣା ନୀଳଗିରି ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟି ଥିବା ବେଳେ ଗତ ସୋମବାର ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ଜୈନିକ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗ ନୀଳଗିରି ଥାନାରେ ହେଲା ପରେ ନୀଳଗିରି ଆଇ.ଆଇ.ସି. ପ୍ରଭଞ୍ଜନ ବେହେରା ସଦଳବଳେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ୨ଜଣ ଯୁବକକୁ ଖୋଜାଖୋଜି କରିଥିଲେ । ପୋଲିସ ପକ୍ଷରୁ ଏ ନେଇ ନୀଳଗିରି ଥାନାରେ ୨୮/୨୧, ଦଫା ୩୪୧, ୩୬୩, ୩୯୭, ୩୭୬ ଡି.ଏ ଆଇ.ପି.ସି. (୬) ପକ୍ସୋଧାରା ରୁଜୁ କରିଛି । ଅପରପକ୍ଷରେ ନାବାଳିକାଟିର ଡାକ୍ତରୀ ମାଇନା କରିବା ସହ ନାବାଳିକାର ବୟାନକୁ ରେକର୍ଡ କରିଛି । ଏ ନେଇ ବାଲେଶ୍ୱର ଏସ.ପି. ଘଟଣାକୁ ଗୁରୁତ୍ୱ ଦେଇ ତନାଘନ କରୁଥିବାର ଜଣାପଡ଼ିଛି। ପୋଲିସର ତତ୍‌ପରତା ଦେଖିବାକୁ ମିଳିଛି । ହେଲେ ଦୁଷ୍କର୍ମକାରୀଙ୍କର କିଛି ଖୋଜ ଖବର ମିଳିନଥିଲା। ଦୁଷ୍କର୍ମ ହେବାର ୨୪ ଘଂଟା ପରେବି ନୀଳଗିରି ପୋଲିସ ହାତବାନ୍ଧି ବସିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଲୋକଙ୍କ ମଧରେ କୋକୁଆଭୟ ସୃଷ୍ଟି ହୋଇଛି। ଫଂଚଲିଙ୍ଗେଶ୍ୱର ଶୈବପୀଠାରେ ଫାଣ୍ଡି ପ୍ରତିଷ୍ଠାପାଇଁ ବାରମ୍ବାର ଅଂଚଳବାସୀ ଦାବୀ କରୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନଥିବାରୁ ଏପରି ଦୁର୍ଘଟଣା ଘଟୁଛି ବୋଲି କମ୍ୟୁନିଷ୍ଟର ଜିଲ୍ଲା ସମ୍ପାଦକ ତଥା ପୂର୍ବତନ ସରପଂଚ ନିରଂଜନ ବାରିକ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ଖନ୍ତାପଡ଼ା ଥାନା ପଣ୍ଡାଶୁଣି ଗ୍ରାମର ଜନୈକ ନାବାଳିକା ନିଜର ପିଉସୀ ପୁଅ ଭାଇ ସହିତ ଏକ ବାଇକରେ ନୀଳଗିରି ଥାନା ଅଧିନସ୍ଥ ବାଣପୁର ଗ୍ରାମର ନିଜର ପିଉସା ଘର ବୁଲିବାକୁ ଆସିଥିଲେ। ପିଉସା ଘରୁ ନିଜର କଣ୍ଟିଆଡିକର ଗ୍ରାମର ଭଉଣୀ ଘରକୁ ଯାଉଥିବା ବେଳେ କଣ୍ଟିଆଡିକର ଛକରେ ଏକ ପଲସର ଗାଡ଼ିରେ ୨ଜଣ ଯୁବକ ବାଇକ୍‌କୁ ଅଟକାଇ ତୁମ ଘର କେଉଁଠି ? ଏ ଝିଅ କିଏ ବୋଲି କହି ନାବାଳିକାର ସଂପର୍କୀୟ ଭାଇକୁ ପିଟାମରା କରିବା ସହ ବନ୍ଧୁକ ଦେଖାଇ ତାଙ୍କ ଠାରୁ ଆଧାର କାର୍ଡ ସହ କିଛି ଟଙ୍କା ଛଡ଼ାଇ ନେଇ ତାକୁ ରାସ୍ତା କଡ଼ରେ ପକାଇ ଦେଇଥିଲେ । ପରେ ୨ଜଣ ଯୁବକ ନାବାଳିକାର ପାଟିକୁ କପଡ଼ାରେ ବାନ୍ଧି ନିଜ ବାଇକରେ ଫଂଚଲିଙ୍ଗେଶ୍ୱର ପାନ୍ଥ ନିବାସ ପଛପଟ ଜଙ୍ଗଲକୁନେଇ ଯାଇ ଦୁଷ୍କର୍ମ କରିଥିବାର ସଂପର୍କୀୟ ଭାଇ ନୀଳଗିରି ଥାନାରେ ଅଭିଯୋଗ କରିଛି । ପରେ ନାବାଳିକାଟି ୨ଜଣ ଯୁବକଙ୍କ ଠାରୁ କୌଶଳକ୍ରମେ ବିଲେ ବିଲେ ଆସି ଏକ ହୋଟେଲ ସାମାନା ରାସ୍ତାରେ ମୁର୍ମୁ ଅବସ୍ଥାରେ ପଡ଼ିଥିଲେ । ପରେ ତାର ସଂପର୍କୀୟମାନେ ଖବର ପାଇ ନାବାଳିକାକୁ ଉଦ୍ଧାର କରି ନୀଳଗିରି ଥାନାକୁ ଆଣିଥିଲେ ।


**NITYANANDA COLLEGE OF PHARMACY**

SERGARH, BALASORE - 756060, ODISHA

PH. - 06782 - 236605/ 236606, MOB: 7077204717

[Approved by AICTE, PCI, New Delhi Recognized by Govt. of Odisha and Affiliated to BPUT, Rourkela.]

**RECRUITMENT FOR FACULTY**

| Post | Department | Qualification/Salary |
| --- | --- | --- |
| Asst. Professor | Pharma Chemistry<br>Pharmacology<br>Pharmacognosy<br>Pharma Analysis | As per PCI/AICTE Norms |

Please send your application with CV by Email to ncpbalasore@gmail.com within 7 days of publication of this notification.

**Principal**


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo